ଧରିତ୍ରୀ
DHARITRI

August 22-28, 2021 ₹ 2/-

# ଛୁଟିଦିନ



# ସମ୍ପର୍କ ତ୍ୟାଗର

କଥାରେ ଅଛି ବଡ଼ ଭଉଣୀ ମା' ସମାନ ଓ
ବଡ଼ ଭାଇ ବାପା ସମାନ ବୋଲି। ଯାହାକୁ
ସତରେ ପରିଣତ କରିଛନ୍ତି କେତେଜଣ
ବଡ଼ ଭାଇ-ଭଉଣୀ । ଆଉ ତୁଲାଇ
ଚାଲିଛନ୍ତି ବାପା ମା'ର କର୍ତ୍ତବ୍ୟ...

୩
ପ୍ରଚ୍ଛଦ ପ୍ରସଙ୍ଗ

ସହରଠୁ ଦୂର
୧୩





# ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଁ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ସୁଖ ଶାନ୍ତି ବଜାୟ ରଖିବା ସହ ଅଭାବ ଅନଟନରୁ ରକ୍ଷା ପାଇବା ପାଇଁ କ'ଣ ସବୁ କରିବା ଆବଶ୍ୟକ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* କୁହାଯାଏ, ଗୃହର ମୁଖ୍ୟ ଦ୍ୱାରର ଉପର ପାର୍ଶ୍ୱରେ ସବୁଜ ରଙ୍ଗର ଗଣେଶଙ୍କ ମୂର୍ତ୍ତି ସ୍ଥାପନ କଲେ ଘରେ ଶାନ୍ତି ସମୃଦ୍ଧି ବଜାୟ ରହିଥାଏ।

* ଯଦି ଗୃହର ପୂର୍ବ ଦିଗରେ କିଛି ଦୋଷ ଥାଏ, ତେବେ ସେହି ଦିଗରେ ସୂର୍ଯ୍ୟଯନ୍ତ୍ର ସ୍ଥାପନ କଲେ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



* ସେହିପରି ଗୃହର ପଶ୍ଚିମ ଦିଗରେ ଯଦି କିଛି ଦୋଷ ଥାଏ, ତା'ହେଲେ ସେହି ଦିଗରେ ବରୁଣ ଯନ୍ତ୍ର ସ୍ଥାପନ କରିବା ସହ ଶନିବାର ବ୍ରତ କଲେ ଶୁଭଫଳ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ଅନ୍ୟପକ୍ଷେ କୁହାଯାଏ, ମୁଖ୍ୟଦ୍ୱାରର ମଧ୍ୟଭାଗରେ ସ୍ୱସ୍ତିକ ସ୍ଥାପନ କଲେ ଗୃହ ପ୍ରତି ଆସୁଥିବା ବିପଦ ଆପଣଛାଏଁ ଟଳିଯାଏ।

* ଗୃହର ମୁଖ୍ୟଦ୍ୱାର ଅନ୍ୟ ସବୁ ଦ୍ୱାର ତୁଳନାରେ ଟିକେ ବଡ଼ ଓ ଆକର୍ଷଣୀୟ ହୋଇଥିଲେ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ ବୋଲି ଅନେକେ ମତ ଦେଇଥାନ୍ତି।

* ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, ରୋଷେଇ ଗୃହର ରଙ୍ଗ ହଳଦିଆ କିମ୍ବା ଗୋଲାପୀ କଲେ ସୁନ୍ଦର ଦେଖାଯିବା ସହ ଲକ୍ଷ୍ମୀଦେବୀ ପ୍ରସନ୍ନ ହୋଇଥାନ୍ତି।

* ତେବେ ରୋଷେଇ ଗୃହର ପୂର୍ବ, ପଶ୍ଚିମ ବା ଉତ୍ତରରେ ଡାଇନିଂ ରୁମ୍ ରଖିଲେ, ଏହାକୁ ଶୁଭ ବୋଲି କୁହାଯାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୨-୨୮

**ମେଷ**: କାର୍ଯ୍ୟସିଦ୍ଧି, ମିତ୍ରତା ବୃଦ୍ଧି, ମୂଲ୍ୟବାନ ଦ୍ରବ୍ୟ ଲାଭ, ପ୍ରତିବନ୍ଧକ ଦୂରେଇଯିବ, ଟେନ୍‌ସନ କମିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପଡ଼ୋଶୀଙ୍କ ସହାନୁଭୂତି।

**ବୃଷ**: ଆରୋଗ୍ୟ ଲାଭ, ସମସ୍ୟା ସମାଧାନ, ବସ୍ତ୍ରାଳଙ୍କାର ପ୍ରାପ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, ପଡ଼ୋଶୀଙ୍କ ଆକ୍ଷେପୋକ୍ତି, ବ୍ୟବସାୟିକ ଉନ୍ନତି, ନିଯୁକ୍ତି ଖବର ପ୍ରାପ୍ତି।

**ମିଥୁନ**: ଆର୍ଥିକ ଉନ୍ନତି, ସମ୍ପର୍କୀୟମାନଙ୍କ ସହ ମିତ୍ରତା, ବସ୍ତ୍ରଭୂଷଣ ପ୍ରାପ୍ତି, ପରିଭ୍ରମଣର ସୁଯୋଗ, ଗୃହରେ କଳହ, ବନ୍ଧୁ କ୍ଷୁବ୍ଧ ହେବେ। ଶାରୀରିକ ଅସୁସ୍ଥି, ମାନସିକ ଅସ୍ଥିରତା, ସନ୍ତାନ ହେତୁକ ଗୌରବ, ସଭାସମିତିକୁ ନିମନ୍ତ୍ରଣ।

**କର୍କଟ**: ସମ୍ପର୍କୀୟଙ୍କ ସହାୟତା, କରଜଦାତାଙ୍କ ଚାପ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାନବାହନ କ୍ରୟ, କାର୍ଯ୍ୟସିଦ୍ଧି ହେବ, ଦୂରଯାତ୍ରାର ଯୋଜନା, ବନ୍ଧୁଙ୍କ ପରାମର୍ଶ, ମାଙ୍ଗଳିକ କାମ, ପାରିବାରିକ ଶାନ୍ତି, କ୍ରୀଡ଼ାପ୍ରିୟ ହେବେ।

**ସିଂହ**: ଦୂରଯାତ୍ରା, ଶୁଭଖବର ପ୍ରାପ୍ତି, କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଅର୍ଥଲାଭ ଅବଶ୍ୟମ୍ଭାବୀ, ପାରିବାରିକ ତିକ୍ତତା, ହତାଶାବୋଧ କରିପାରନ୍ତି। ସାମାଜିକ ସମ୍ମାନ, ଆଶା ପୂରଣ ହେବ, ବନ୍ଧୁ ସାହାଯ୍ୟ କରିବେ।

**କନ୍ୟା**: ବିବାଦରେ ବିଜୟ କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି, ଆନୁଷ୍ଠାନିକ ସମ୍ମାନ ମିଳିବ, ଲକ୍ଷ୍ୟ ପୂରଣ ହେବ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, ଆତ୍ମୀୟଙ୍କ ଅସହଯୋଗ, ପଡ଼ୋଶୀଙ୍କ ସମାଲୋଚନା ।

**ତୁଳା**: ଉପରିସ୍ଥଙ୍କ ସହାୟତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକ ସମ୍ପର୍କ ବୃଦ୍ଧି, ରାଜନୈତିକ ଆଲୋଚନା, ପାରିବାରିକ ବିତର୍କ, ସମ୍ପର୍କୀୟଙ୍କ ଅସହଯୋଗ, ବନ୍ଧୁସମ୍ପର୍କ ହାନି, ମକଦ୍ଦମାରୁ ମୁକ୍ତି, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ବିଛା**: ଉନ୍ନତ ଚିନ୍ତା, ଯୋଜନା କାର୍ଯ୍ୟକାରୀ ହେବ, ଯାତ୍ରାରେ କଳହ, ସୁଯୋଗ ହରାଇବେ, ବ୍ୟୟାଧିକ୍ୟରୁ ମନସ୍ତାପ, ପାରିବାରିକ ସମସ୍ୟା, ଆମୋଦ ପ୍ରମୋଦ ମଉକା, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା।

**ଧନୁ**: ନୂତନ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ଓ କାର୍ଯ୍ୟସିଦ୍ଧ, ପାରିବାରିକ ସମର୍ଥନ, ସମସ୍ୟାକୁ ସୁଧାରିବେ, ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ତ୍ରୀଙ୍କ ଅଭିଯୋଗ, ଠକାମିରେ ପଡ଼ିପାରନ୍ତି, ବିବାଦରେ ପରାଜୟ।

**ମକର**: ନୂତନ ବନ୍ଧୁତ୍ୱ, ପ୍ରଶାସନିକ ସଫଳତା, ସାଂସ୍କୃତିକ କାର୍ଯ୍ୟକ୍ରମ, କଳାରୁ ସମ୍ମାନ, ଅଶାନ୍ତିକର ପରିବେଶ, ଅପମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅଭିମାନ ସମ୍ପର୍କ ତୁଟିଯିବ, ବିଦେଶଯାତ୍ରାର ସୁଯୋଗ, ସାହିତ୍ୟଚର୍ଚ୍ଚା।

**କୁମ୍ଭ**: ସ୍ୱାସ୍ଥ୍ୟହାନି ପ୍ରତୀକ୍ଷିତ ଖବରପ୍ରାପ୍ତି, ବନ୍ଧୁଙ୍କ ବୃଥା ସନ୍ଦେହ, ଲେଖାପଢ଼ାରେ କୁଶଳ, ନୂତନ କାର୍ଯ୍ୟାରମ୍ଭରେ ଝଗଡ଼ା, ପରିବହନରେ ମିତ୍ରତା, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତା, ସ୍ତ୍ରୀଙ୍କ ସୁପରାମର୍ଶ ।

**ମୀନ**: ଟେନ୍‌ସନ ବୃଦ୍ଧି, ଆର୍ଥିକ ଅନଟନ, ଅପ୍ରିୟ ସତ୍ୟଭାଷଣରୁ ବିବାଦ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରକାଶନରେ ସମସ୍ୟା, ଜମିଜମା କ୍ରୟବିକ୍ରୟ, ଯାନବାହନରେ ତ୍ରୁଟି, ନିର୍ମାଣର ପୂର୍ଣ୍ଣତା, ଋଣ ପରିଶୋଧ, ଆତ୍ମୀୟଙ୍କ କଟୁକ୍ତି ।

# ରାଶି ଅନୁସାରେ ରାଖୀର ରଙ୍ଗ

**ଜ୍ୟୋତିଷଶାସ୍ତ୍ର** ଅନୁଯାୟୀ, ରାଖୀପୂର୍ଣ୍ଣିମା ଦିନ ଯଦି ଭଉଣୀଟିଏ ତା' ଭାଇର ରାଶିକୁ ସୁହାଇଲା ଭଳି ଠିକ୍ ରଙ୍ଗର ରାଖୀ ଚୟନ କରି ହାତରେ ବାନ୍ଧିଦେଇ ଥାଏ, ତା'ହେଲେ ସେହି ରାଖୀ ଭାଇ ଜୀବନରେ ସୁଖସମୃଦ୍ଧି ଭରିଦେଇଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି ମେଷ ରାଶି ଥିବା ଭାଇମାନଙ୍କ ହାତରେ ନାଲିରଙ୍ଗର ରାଖୀ ବାନ୍ଧିଲେ



ସେମାନଙ୍କ ଜୀବନରେ ଶାନ୍ତି ବଜାୟ ରହିବା ସହ ସର୍ବଦା ଉର୍ଜାବାନ ରହିଥାନ୍ତି। ସେହି ଦୃଷ୍ଟିରୁ ଦେଖିଲେ ବୃଷ ରାଶି ପାଇଁ ଧଳା, ମିଥୁନ ରାଶି ସବୁଜ, କର୍କଟ ରାଶି ଧଳା କିମ୍ବା ହଳଦିଆ, ସିଂହ ରାଶି ପାଇଁ ନାଲି କିମ୍ବା ହଳଦିଆ ରଙ୍ଗର ରାଖୀ ଶୁଭ ବୋଲି ବିବେଚନା କରାଯାଇଥାଏ। ସେହିପରି ଯେଉଁ ଭାଇମାନଙ୍କର କନ୍ୟା ରାଶି ସେମାନଙ୍କୁ ସବୁଜ, ତୁଳା ରାଶିର ଭାଇଙ୍କୁ ନୀଳ କିମ୍ବା ଧଳା ରଙ୍ଗର, ବିଛା ରାଶି ନାଲି କିମ୍ବା ଗୋଲାପୀ, ଧନୁ ରାଶି ପାଇଁ ସୁନେଲି ଅବା ହଳଦିଆ ରଙ୍ଗର ରାଖୀ ବାନ୍ଧିବା ଶୁଭ ହୋଇଥାଏ। କୁହାଯାଏ, ଏହାଦ୍ୱାରା ଭାଇଭଉଣୀଙ୍କ ଭିତରେ ସମ୍ପର୍କ ଦୃଢ଼ ହେବା ସହ ଭଲପାଇବା ବଢ଼ିଥାଏ। ତା'ଛଡ଼ା ମକର ଓ କୁମ୍ଭ ରାଶିର ଭାଇମାନଙ୍କ ପାଇଁ ଗାଢ଼ ନୀଳ ହେଉ ଅବା ହାଲୁକା ନୀଳ ରଙ୍ଗର ରାଖୀ ବାନ୍ଧିବା ଉତ୍ତମ ହୋଇଥାଏ। ଅନ୍ୟପକ୍ଷେ ମୀନ ରାଶିଙ୍କ ପାଇଁ ଚକଚକିଆ ହଳଦିଆ କିମ୍ବା ସବୁଜ ରଙ୍ଗର ରାଖୀ ସର୍ବଶ୍ରେଷ୍ଠ ହୋଇଥାଏ; କାରଣ ଏହା ସେମାନଙ୍କୁ ସୁଖଶାନ୍ତି ପ୍ରଦାନ କରିଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି।

# ପାଠକୀୟ

* ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲରେ ପଶୁପକ୍ଷୀ କିପରି ନିର୍ଭୟରେ ଓ ଶାନ୍ତିରେ ରହିପାରିବେ, ତାକୁ ନେଇ ଏବେ ଅଣ୍ଟା ଭିଡ଼ିଛନ୍ତି କେତେକ ଗ୍ରାମର ଗ୍ରାମବାସୀ। ଆଉ ଯାହାକୁ ନେଇ ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଛି 'ପକ୍ଷୀ ସୁରକ୍ଷାରେ ଗ୍ରାମବାସୀ'। ଏହା ଏକ ପ୍ରେରଣାଦାୟୀ ତଥା ସମୟୋପଯୋଗୀ ଉପସ୍ଥାପନା ହୋଇଥିବାରୁ ମୋତେ ବହୁତ ଖୁସି ଲାଗିଲା। ସେହିପରି 'ୱାଟର୍ ଫାଉଣ୍ଟେନ୍ ରଖିବେ କେଉଁଠି' ଏବଂ 'ଶ୍ରାବଣ ମାସ ସୋମବାର ବ୍ରତ ସମ୍ପର୍କରେ' ଅନେକ ଅଜଣା କଥା ଏଥରର ଛୁଟିଦିନରୁ ଜାଣିହେଲା।

*–ରାକେଶ ମହାନ୍ତି, ଜଗତ୍‌ସିଂହପୁର*

*ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ପକ୍ଷୀ ସୁରକ୍ଷାରେ ଗ୍ରାମବାସୀ' ଏକ ସୁନ୍ଦର ଆଲେଖ୍ୟ । ଏଥିରୁ ପକ୍ଷୀଙ୍କୁ କିପରି ସୁରକ୍ଷା ଦେଇହେବ ସେ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳିଲା। ସେହିପରି 'ମୃତ୍ୟୁ ପରେ ବି ଜୀବିତ'ନାମକ ଆଲେଖ୍ୟଟି ସତରେ ଏକ ପ୍ରେରଣାଦାୟୀ ବିଷୟ ଥିଲା। ମରିବା ଆଗରୁ ନିଜ ଅଙ୍ଗକୁ ଅନ୍ୟକୁ ଦାନ କରି ସେମାନଙ୍କ ଜୀବନରେ ପୁଣିଥରେ ଖୁସି ଫେରାଇ ଆଣିବାକୁ ଚେଷ୍ଟା କରିଥିବାର କେତେକ ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଏହି ଆଲେଖ୍ୟରୁ ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ପ୍ରେରଣା ନାମକ ଗପଟି ବି ବେଶ୍ ମନୋମୁଗ୍ଧକର ହୋଇପାରିଥିଲା।

*–ସସ୍ମିତା ଚିନାରା, ବଳଗଣ୍ଡି ଛକ, ପୁରୀ*

* ଏଥରର ସିନେମା ପୃଷ୍ଠାରେ ସ୍ଥାନିତ 'ସମୟାନୁବର୍ତ୍ତୀ ଜ୍ୟାକ୍ଲିନ୍', 'ପ୍ରକୃତିପ୍ରେମୀ ଆୟୁଷ୍ମାନ୍', 'ଦୋଛକିରେ ସାରା' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନାଟ୍ୟ ଅଭିନେତା ଧନେଶ୍ୱର ପୃଷ୍ଟିଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ପଢ଼ିଲି, ମୋତେ ଭାରି ଭଲ ଲାଗିଲା। ସାଥୀର ଉତ୍ତରଗୁଡ଼ିକ ବି ହୃଦୟସ୍ପର୍ଶୀ ଥିଲା।

*–ଆଲୋକ ନନ୍ଦ, ରାୟଗଡ଼ା*

* ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ଲକ୍ଷ୍ମଣ ମିଶ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି ରୁଦ୍ରାକ୍ଷର ମହାନତା ଏବଂ ତା'ର ଗୁଣଲାଭ ସମ୍ପର୍କରେ ଅନେକ ଦରକାରୀ ତଥ୍ୟ ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରରରେ ଶେଫାଳୀ ବେଶ୍ ସୁନ୍ଦରୀ ଲାଗୁଥିଲେ।

*–ଶ୍ରୀଯାତ୍ରୀ ସ୍ୱାଇଁ, ମଞ୍ଚେଶ୍ୱର, ଭୁବନେଶ୍ୱର*

## ବିଶେଷ ଚିଠି



ଷୋହଳ ପୃଷ୍ଠାର ପ୍ରିୟ ଛୁଟିଦିନ
କିଣିନିଏ ସଭିଙ୍କର ସେ ମନ,
ସେଥିପାଇଁ ଝୁରି ହେଉଥାନ୍ତି
ସଭିଏଁ ତୁମକୁ ନିତିଦିନ।
ପ୍ରଚ୍ଛଦ ତୁମର ଲାଗେ ବଢ଼ିଆ
ସମସ୍ତଙ୍କୁ ସେ କରେ କିମିଆ,
ସାଥୀ ଉତ୍ତରର ଜବାବ ନାହିଁ
ସବୁ ଦ୍ୱନ୍ଦ୍ୱର କରେ ବିଚାର ସେହି।
ସହର ଦେଖାଏ ନୂଆ ଜାଗା କେତେ
ମନ ହୁଏ ବୁଲି ଯିବାକୁ ସତେ
ସତରେ ଛୁଟିଦିନ ତୁମେ ବଢ଼ିଆ
ସର୍ବଦା ଏମିତି ତୁମେ ଆସୁ ଥା'।

*–ସାଗର ପଟ୍ଟନାୟକ, ଅଳଗୁମ୍, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସମ୍ପର୍କ ତ୍ୟାଗର





**ଭାଇ ଭଉଣୀ! ଏ ସମ୍ପର୍କ ରକ୍ତର। ଜଣେ ଜଣଙ୍କ ସୁଖଦୁଃଖର ସାଥୀ। ଛୋଟବେଳୁ ସାଥୀ ହୋଇ ବଢ଼ିଥାନ୍ତି। ପରସ୍ପରକୁ ଖୁବ୍ ଭଲଭାବେ ବୁଝିଥାନ୍ତି। କଳିଝଗଡ଼ା, ମାର୍‌ପିଟ୍ ତ ହୁଏ। ହେଲେ ତା'ରି ଭିତରେ ଥାଏ ସେମାନଙ୍କର ଭଲ ପାଇବା। ଆଉ ବଡ଼ ଭାଇଭଉଣୀ ତ ହୋଇଥାନ୍ତି ବାପାମା'ଙ୍କର ଦ୍ୱିତୀୟ ରୂପ। ଭଲ ପାଇବା ଓ ତ୍ୟାଗର ଜୀବନ୍ତ ପ୍ରତିମା ସେମାନେ। ସବୁ ବିପଦ ଓ କଷ୍ଟକୁ ସେମାନେ ନିଜେ ମୁଣ୍ଡ ପାତି ସହନ୍ତି। ଛୋଟ ଭାଇଭଉଣୀଙ୍କ ମୁହଁରେ ହସ ଫୁଟାନ୍ତି। କେତେଜଣ ବଡ଼ ଭାଇଭଉଣୀ ତ ସାନ ଭାଇଭଉଣୀଙ୍କ ପାଇଁ କରନ୍ତି ଏଭଳି ତ୍ୟାଗ ଯେ, ସମାଜରେ ପାଲଟିଯାଆନ୍ତି ଉଦାହରଣ...**

---

**ଛୋଟ ଭାଇଭଉଣୀଙ୍କ ପାଇଁ ଚାଷୀ ପାଲଟିଲେ ବଡ଼ ଭଉଣୀ:** ବାପା ମା' ଦୁହେଁ ଡକାଡକି ହୋଇ ଚାଲିଗଲେ ଆରପାରିକୁ। ଏକା ହୋଇଗଲେ ଚାରି ଭାଇଭଉଣୀ। କିଏ ବା ନେବ ସେମାନଙ୍କ ଦାୟିତ୍ୱ। ଶେଷରେ ବଡ଼ ଭଉଣୀ ମନକୁ ଦୃଢ଼ କଲେ। ଭାଇ ଭଉଣୀଙ୍କୁ ମଣିଷ କରିବା ସହ ନିଜେ କେମିତି ପାଠପଢ଼ିବେ ସେଥିପାଇଁ ହାତରେ ଧରିଲେ କୋଡ଼ି କୋଦାଳ। ଆଉ ବିଲକୁ ଯାଇ ଚାଷ କରିବା ଆରମ୍ଭ କଲେ। ମୁଣ୍ଡଝାଳ ତୁଣ୍ଡେ ମାରି ଅକ୍ଳାନ୍ତ ପରିଶ୍ରମ କରି ପାଲଟିଗଲେ ଚାଷୀ। ଏଇ ଘଟଣାଟି ମାଲକାନଗିରି ଜିଲା, ଏମ୍‌ଭି ୧୧ ଗ୍ରାମରେ ଦେଖିବାକୁ ମିଳିଛି। ଏଠାରେ ୧୯ ବର୍ଷୀୟା ମନଖୁସି ସରକାର ନିଜର ଛୋଟ ଭାଇ ଭଉଣୀଙ୍କୁ ମଣିଷ କରିବା ପାଇଁ ନିଜର ସବୁ ଖୁସିକୁ ତ୍ୟାଗ କରି କଠିନ ପରିଶ୍ରମ କରି ଚାଷ କରୁଛନ୍ତି । ବିଲରେ ମାଟି ସହ ମାଟି ହୋଇ ଖଟୁଛନ୍ତି। ୪ ବର୍ଷ ପୂର୍ବେ ମନଖୁସିଙ୍କ ମା କ୍ୟାନ୍‌ସରରେ ପୀଡ଼ିତ ଥାଇ ମୃତ୍ୟୁବରଣ କରିଥିଲେ। ଏହାପରେ ବାପା ମଧ ରୋଗଗ୍ରସ୍ତ ହୋଇ ଆରପାରିକି ଚାଲି ଗଲେ। ବାପା ଓ ମା' ଦୁହେଁ ମୃତ୍ୟୁବରଣ କରିବା ପରେ ଦୁଇ ସାନ ଭାଇ ଓ ଭଉଣୀଙ୍କ ଦାୟିତ୍ୱ ଖୁସି ଉପରକୁ ଚାଲି ଆସିଥିଲା। କେବଳ ସେତିକି ନୁହେଁ ଦୁଇ ଭାଇଙ୍କ ମଧ୍ୟରେ ଗୋଟିଏ ଭାଇ ମାନସିକ ବିକୃତ। ଯାହା ଫଳରେ ତା'ର ଚିକିତ୍ସା ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହା ମଧ ଯୋଗାଡ଼ କରୁଛନ୍ତି ମନଖୁସି । ତା'ସହ ତା'ର ସେବା ଯତ୍ନ ବି କରୁଛନ୍ତି। ଘରେ ରୋଷେଇ କରିବା ସହ ଭାଇଭଉଣୀଙ୍କୁ ପାଠପଢାରେ ସାହାଯ୍ୟ କରନ୍ତି। ତା'ସହ ନିଜେ ବି ପଢନ୍ତି। ଖୁସି ମାଲକାନଗିରି ମହାବିଦ୍ୟାଳୟର ଯୁକ୍ତ ୩ କଳାର ଛାତ୍ରୀ ଅଟନ୍ତି । ଘରର ଟିକିନିଖି ଦାୟିତ୍ୱ ତାଙ୍କ ଉପରେ। ସଉଦା କେମିତି ଆସିବ, ରୋଷେଇ କେମିତି ହେବ। ଭାଇଭଉଣୀ କ'ଣ ପିନ୍ଧିବେ, କ'ଣ ଖାଇବେ। ଏଇ ଚିନ୍ତା ତାଙ୍କୁ ଚାଷୀ ସଜେଇ ଦେଇଛି। ସେ ଅନ୍ୟ ଚାଷୀଙ୍କ ଭଳି ଜମିରେ ଧାନ ବୁଣିବା, ଧାନ ରୋପିବା ସହ ଜମି ମରାମତି ଭଳି କାମ ବି କରିଥାଆନ୍ତି। ଏବେ ତାଙ୍କ ପାଖରେ ସମୟ ନାହିଁ ନିଜ ପାଇଁ ସ୍ୱପ୍ନ ଦେଖିବାକୁ। ଭାଇ ଭଉଣୀଙ୍କ ମୁହଁରେ ଦାନା ଦେବା ସହ ବଡ଼ ମଣିଷ କରି ଗଢି ତୋଳିବା ଲାଗି ନିଜର ସବୁ ସୁଖକୁ ସେ ଭୁଲି ଯାଇଛନ୍ତି।

**କଥାରେ ଅଛି ବଡ଼ ଭଉଣୀ ମା' ସମାନ ଓ ବଡ଼ ଭାଇ ବାପା ସମାନ ବୋଲି। ଯାହାକୁ ସତରେ ପରିଣତ କରିଛନ୍ତି କେତେଜଣ ବଡ଼ ଭାଇ–ଭଉଣୀ। ଆଉ ତୁଲାଇ ଚାଲିଛନ୍ତି ବାପା ମା'ର କର୍ତ୍ତବ୍ୟ...**

**ଭଉଣୀ ଭାଇଙ୍କ ସଂସାର ନାଆ ବାହି ଚାଲିଛନ୍ତି ଓଙ୍କା ଚିଙ୍ଗାମା:** ପାରାଦୀପ ଷଣ୍ଢେକୁଦ ନୋଳିଆସାହିର ମହିଳା ଓଙ୍କା ଚିଙ୍ଗାମା। ବୟସ ପାଖାପାଖି ୫୦ ହେଲାଣି। ତଥାପି ସେ ଅବିବାହିତ ଅଛନ୍ତି। ଆଉ ଭୋର ୪ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। କାରଣ ତାଙ୍କ ଉପରେ ଅଛି ୧୩ ଜଣଙ୍କ ଭରଣ ପୋଷଣ ଦାୟିତ୍ୱ। ତାଙ୍କର ବୃତ୍ତି ହେଉଛି ଶୁଖୁଆ ବ୍ୟବସାୟ। ପାରାଦୀପ ମାଛଧରାବନ୍ଦରରୁ ମାଛ କିଣି ଆଣି ତାକୁ ଶୁଖୁଆ କରନ୍ତି। ଆଉ ଶୁଖୁଆକୁ ଓଡ଼ିଶାର ରମ୍ଭା, ବ୍ରଜରାଜନଗର ଓ ଅନ୍ୟ ରାଜ୍ୟକୁ ନେଇ ବେପାର କରୁଛନ୍ତି। ୩ ଭଉଣୀ ଓ ୩ ଭାଇ ମିଶି ସେମାନେ ହେଉଛନ୍ତି ୬ ଜଣ। ଚିଙ୍ଗାମା ହେଉଛନ୍ତି ବଡ଼। ତେବେ ତାଙ୍କୁ ଯେତେବେଳେ ୧୮ ବର୍ଷ ହୋଇଥିଲା ତାଙ୍କ ବାପା ଓଙ୍କା ଅଭିଙ୍କର ଅକାଳ ମୃତ୍ୟୁ ହୋଇଥିଲା। ଅଧିକ ନିଶା ସେବନ ଯୋଗୁ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଏଭଳି

→







ଭାଇଙ୍କ ସହ ସ୍ୱୟଂପ୍ରଭା



ଚାଷ କରୁଛନ୍ତି ମନଖୁସି



ସାନଭାଇ ସହ ମନଖୁସି

ସମୟରେ ଚିଙ୍ଗାମା ପରିବାରର ଦାୟିତ୍ୱ ନେଇଥିଲେ। ମା' ଓ ସାନ ୫ ଭଉଣୀ ଭାଇଙ୍କୁ ଚଳାଇବା ପାଇଁ ଘରୁ ଗୋଡ଼ କାଢ଼ିଥିଲେ। ସେତେବେଳେ ନୋଳିଆମାନଙ୍କ ମୁଖ୍ୟ ବେଉସା ଥିଲା ସମୁଦ୍ରରେ ମାଛ ଧରିବା। ସେ ଏକ ଡଙ୍ଗା ଯୋଗାଡ଼ କରି ନିଜେ ସମୁଦ୍ରରେ ମାଛଧରା ଆରମ୍ଭ କରିଥିଲେ। ଏଥିରେ ସାନଭାଇମାନେ ବି ସହଯୋଗ କଲେ। ଯାହା ରୋଜଗାର ହେଲା ସେଥିରେ ପରିବାର ଚଳିଲା। କିଛି ଟଙ୍କା ସଞ୍ଚୟ କରି ପରେ ନିଜେ ଦୁଇଟି ଡଙ୍ଗା କିଣିଲେ। ଦୁଇପଇସା ଭଲ ରୋଜଗାର ହେଲା। ସେଥିରେ ସାନ ଭଉଣୀ ଦୁଇଜଣଙ୍କ ବିବାହ କରାଇଲେ। ଏହାପରେ ଗୋଟିଏ ଭାଇର ମଧ୍ୟ ବିବାହ କରାଇଲେ। ସବୁଠିକ୍ ଚାଲିଥାଏ ହଠାତ୍ କିଛିବର୍ଷ ପରେ ଆଉ ଏକ ଦୁଃଖଦ ଘଟଣା ତାଙ୍କ ସହ ଘଟିଲା। ବିବାହିତ ଭାଇଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଗଲା। ଭାଉଜ ଓ ପିଲାଙ୍କ କଥା ସେ ବୁଝିଲେ। ଏଣେ ମଝିଆ ସାନଭାଇର ଶରୀର ଅସୁସ୍ଥ ହେଲା। ତା' ପିଛା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କଲାପରେ ମଧ୍ୟ ସେ ସୁସ୍ଥ ହୋଇ ପାରିନାହାନ୍ତି। ଏବେ ସେ ସାମାନ୍ୟ ମାନସିକ ଭାରସାମ୍ୟ ହରାଇଛନ୍ତି। କୌଣସି କାମଧନ୍ଦା କରିପାରୁ ନାହାନ୍ତି। ସବା ସାନଭାଇର ବିବାହ କରାଇଛନ୍ତି। ଏହାବାଦ ଦୁଇ ଭଉଣୀର ଦୁଇ ପିଲାଙ୍କୁ ଆଣି ପାଖରେ ରଖିଛନ୍ତି। ବିଧବା ବୃଦ୍ଧା ମା, ଭାଉଜ ଓ ସେମାନଙ୍କ ପିଲାଙ୍କୁ ମିଶାଇ ଘରେ ୧୩ ଜଣ ଅଛନ୍ତି। ଦିନସାରା ଖଟି ପଇସା ରୋଜଗାର କରୁଛନ୍ତି। ତଥାପି ଅଭାବ ପୂରଣ ହୋଇପାରୁ ନାହିଁ। ଭାଇର ଚିକିତ୍ସା ପାଇଁ ଡଙ୍ଗା ବି ବିକ୍ରି ହୋଇ ଯାଇଛି। ତେଣୁ ଶୁଖୁଆ ବ୍ୟବସାୟ କରି ପରିବାର ଚଳାଉଛନ୍ତି। ସମସ୍ତଙ୍କ ସୁଖଦୁଃଖ ବୁଝିବା ଭିତରେ ସେ ନିଖ ସୁଖ ଭୁଲି ଯାଇଛନ୍ତି। ନିଜେ ବିବାହ କରି ନାହାନ୍ତି। ଭାଇ ଭଉଣୀଙ୍କ ସଂସାର କଥା ବୁଝିବାରେ ଦିନ ଯାଇ ରାତି ସରି ଯାଉଛି। ତାଙ୍କର ଏଭଳି ତ୍ୟାଗ ସମ୍ପର୍କରେ ପୂର୍ବତନ କାଉନସିଲର ଜଗନ୍ନାଥ ରାଓ, ନୋଳିଆସାହି ମୁରବି ସୁବା ରାଓ, ପଡ଼ୋଶୀ ଟି ବି ରାବଣା ପ୍ରମୁଖ କୁହନ୍ତି ଯେ, ଚିଙ୍ଗାମାଙ୍କ ତ୍ୟାଗ ଅନନ୍ୟ। ସେ ଯେଉଁଭଳି ଭାବେ କର୍ତ୍ତବ୍ୟ କରି ଚାଲିଛନ୍ତି ହୁଏତ ଆଉ କେହି କରିପାରିବେ ନାହିଁ। ନିରକ୍ଷର ହେଲେ ବି ସେ ସମ୍ପର୍କର ମହତ୍ତ୍ୱକୁ ବୁଝିଛନ୍ତି ; ଯାହା କି ଅନେକ ଉଚ୍ଚ ଶିକ୍ଷିତଙ୍କଠାରେ ଦେଖିବାକୁ ମିଳେ ନାହିଁ।



**ପାଗଳୀ ଭଉଣୀଙ୍କ ସେବାରେ ଭାଇ :** ଭଉଣୀ ନିଜ ଭାଇ ହାତରେ ରାଖୀ ବାନ୍ଧି ଭାଇଠାରୁ ସୁରକ୍ଷାର ପ୍ରତିଶ୍ରୁତି ନିଏ। ସାରା ଜୀବନ ସୁଖରେ ଦୁଃଖରେ ଯେମିତି ଭାଇ ଠିଆ ହେଉ ଚାହେଁ। ରାୟଗଡ଼ା ସଦର ରାମା ଟକିଜ ପଛରେ ରହୁଛନ୍ତି ଏମିତି ଜଣେ ଭାଇ, ଯେ କି ରକ୍ଷା ବନ୍ଧନର ସେଇ ପ୍ରତିଶ୍ରୁତିକୁ ରଖି ବର୍ଷ ବର୍ଷ ଧରି ଭଉଣୀମାନଙ୍କୁ ଦେଇ ଆସୁଛନ୍ତି ସୁରକ୍ଷା ଓ ତୁଲାଇ ଆସୁଛନ୍ତି ବଡ଼ ଭାଇର କର୍ତ୍ତବ୍ୟ। ହେଲେ ବଦଳରେ କେବେ କିଛି ଚାହିଁ ନାହାନ୍ତି। ସେ ହେଉଛନ୍ତି ରାମ ଚନ୍ଦ୍ର କର। ମାନସିକ ଭାରସାମ୍ୟ ହରାଇ ବସିଥିବା ଦୁଇ ଭଉଣୀଙ୍କର ସେବା ଯତ୍ନ ସହ ବଡ଼ ଭଉଣୀର ମାନସିକ ବିକାରଗ୍ରସ୍ତ ଭାଣେଜୀ କଥା ବୁଝୁଛନ୍ତି। ସାନ ଭଉଣୀର ଦୁଇ ଝିଅଙ୍କୁ ସ୍କୁଲ ଟ୍ୟୁଶନ୍ ନେବା ଆଣିବା କରିବା ସହ ସେମାନଙ୍କର ସବୁ ଅସୁବିଧା ପୂରଣ ବି କରୁଛନ୍ତି। ଏମିତିରେ ତାଙ୍କୁ ଫୁରୁସତ୍ ନାହିଁ ନିଜ କଥା ଭାବିବାକୁ। ଏମିତି କି ସେ ବିବାହ ବି କରି ନାହାନ୍ତି। କାଳେ ବିବାହ ପରେ ସ୍ତ୍ରୀ ଭଉଣୀମାନଙ୍କ କଥା ବୁଝିବନି, ଘରେ ଅଶାନ୍ତି ସୃଷ୍ଟି ହେବ ସେଥିପାଇଁ ନିଜେ ଘର ସଂସାର କରିଲେ ନାହିଁ। ରାମଚନ୍ଦ୍ର କହନ୍ତି, 'ମତେ ଯେତେବେଳେ ୨ ବର୍ଷ ବୟସ ସେତେବେଳେ ବାପା ଚାଲିଗଲେ ଆରପାରିକୁ। ବାପା ଥିଲେ ଜଣେ ଜେଲ ୱାର୍ଡନ। ତାଙ୍କ ମୃତ୍ୟୁପରେ ମା'ଙ୍କୁ ତାଙ୍କ ଚାକିରି ମିଳିଲା। ସେ ପୁଣି ୧୨ ବର୍ଷ ପରେ। ବହୁ କଷ୍ଟରେ ଚଳୁଥିଲୁ ସେତେବେଳେ। ଯଦିଓ ପରେ ପ୍ରମୋଶନ ହୋଇ ମା' ହେଡ୍ ଜେଲ ୱାର୍ଡନ ହୋଇଥିଲେ। ମା', ବଡ଼ ଭଉଣୀ ନଳିନୀ ମହାନ୍ତି, ସାନ ଭଉଣୀ ସରୋଜିନୀ ପାଢ଼ୀ ଓ ମୁଁ ବେଶ୍ ହସ ଖୁସିରେ ଚଳୁଥିଲୁ। ବଡ଼ ଭଉଣୀକୁ ୨୦୦୨ ମସିହାରେ ବ୍ରହ୍ମପୁରର ପାତ୍ରପୁର ବ୍ଲକର ଚିକିଟିରେ ବିବାହ କରାଯାଇଥିଲା। ହେଲେ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେବା ସହ ଅନେକ ମାରପିଟ୍ କଲେ। ବଡ଼ ଭଉଣୀ ଦ୍ୱିତୀୟ ଗର୍ଭଧାରଣ କରିଥିବା ସମୟରେ ହିଁ ତା'ର ପାଗଳାମି ଆରମ୍ଭ ହୋଇଥିଲା। ତେଣୁ ଗର୍ଭରେ ଥିବା ଶିଶୁ କନ୍ୟା ମଧ୍ୟ ପାଗଳାମିର ଶିକାର ହେବା ସହ ବିକଳାଙ୍ଗ ହୋଇ ଜନ୍ମ ହେଲା। ତେଣୁ ଭଉଣୀକୁ ତା'ର ଝିଅ ସହ ଶାଶୁଘର ଲୋକେ ଘରୁ ତଡ଼ିଦେଲେ। ଦୁହିଁଙ୍କୁ ଘରେ ଆଣି ରଖିଲୁ। ସାନ ଭଉଣୀର ମଧ୍ୟ ସମାନ ଅବସ୍ଥା ହେଲା। ତାକୁ ବି ସ୍ୱାମୀ ଛାଡି



ଓଙ୍କା ଚିଙ୍ଗାମା




ଭଉଣୀ ସହ ରାମ ଚନ୍ଦ୍ର କର

ଦେବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଲା।' ଏବେ ଦୁଇ ପାଗଳ ଭଉଣୀଙ୍କ ସହ ମାନସିକ ବିକାରଗ୍ରସ୍ତ ଭାଣେଜୀର ସେବା ଶୁଶ୍ରୂଷା କରୁଛନ୍ତି ରାମଚନ୍ଦ୍ର। ତା'ସହ ସାନ ଭଉଣୀର ୨ ଝିଅର ସବୁ ଦାୟିତ୍ୱ ବି ବହନ କରୁଛନ୍ତି। ବାହାରକୁ ଯାଇ ପଢ଼ିବା ଓ ବିବାହ କରିବାକୁ ରାମଚନ୍ଦ୍ରଙ୍କର ଇଚ୍ଛା ଥିଲା। ହେଲେ ସେସବୁ ଇଚ୍ଛାକୁ ସେ ନିଜ ଭିତରେ ଚାପି ରଖିଲେ। ଏହା ଭିତରେ ଥରେ ମାର୍କେଟିଂ କାମରେ ଶିମିଳିଗୁଡାରୁ ଏସକଟା ଆନ୍ଧ୍ର ପ୍ରଦେଶ ଯିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଗୋଡରେ ଆଘାତ ଲାଗିଥିଲା। ଆଉ ଅପରେଶନ୍ ପରେ ତାଙ୍କ ଗୋଡ ୩ ଇଞ୍ଚ ଛୋଟ ହୋଇଗଲା। ଚଲାବୁଲାରେ ଅସୁବିଧା ହେଲା। ତଥାପି ସେ ନିଜ କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି। ଭଉଣୀ ଓ ଭାଣେଜୀମାନଙ୍କ କଥା ବୁଝିବା ସହ ଛୋଟମୋଟ କାମ କରି ଅଳ୍ପ କିଛି ରୋଜଗାର କରୁଛନ୍ତି। ପାଗଳ ଭଉଣୀମାନେ ଅନେକ ସମୟରେ ଘରଛାଡି କେଉଁଆଡେ ଚାଲି ଯାଆନ୍ତି। ତାଙ୍କୁ ଖୋଜି ଆଣନ୍ତି ରାମଚନ୍ଦ୍ର। ବୟସ ହୋଇଯାଇଥିବାରୁ ମା' ଭଉଣୀମାନଙ୍କ କଥା ବିଶେଷ ବୁଝିପାରୁ ନାହାନ୍ତି। ତେଣୁ ସେମାନଙ୍କୁ ଦେଖାରଖା କରିବା ପାଇଁ ସେ ଚାକିରି ବି କରିପାରିଲେନି। ତଥାପି ରାମଚନ୍ଦ୍ରଙ୍କ ମନରେ ନା ଅଛି କଷ୍ଟ ନା ଦେଖିବାକୁ ମିଳେ ଅବସୋସର ଛାଇ।

**ଭାଇମାନଙ୍କ ପାଇଁ ରହିଗଲେ ଅବିବାହିତ:** ସ୍ୱୟଂପ୍ରଭା ଦାଶ। ଘର କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମରେ। ଏବେ ଏହି ବ୍ଲକ ଅନ୍ତର୍ଗତ କଞ୍ଚନେଶ୍ୱର ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ। ଜଣେ ଆଦର୍ଶ ଶିକ୍ଷୟିତ୍ରୀଭାବେ ଯେମିତି ତାଙ୍କର ଯଥେଷ୍ଟ ଗାରିମା ରହିଛି। ସେହିଭଳି ଜଣେ ଆଦର୍ଶ ଭଉଣୀଭାବେ ବି ଆଖପାଖରେ ସେ ବେଶ୍ ପରିଚିତା। ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଯେତେବେଳେ ସବୁ ସମ୍ପର୍କ ଧୀରେ ଧୀରେ ଦୂରେଇ ଦୂରେଇ ଯାଉଛି। ସେହି ସମୟରେ ସ୍ୱୟଂପ୍ରଭା ନିଜ କଥା ନ ଭାବି ଭାବିଛନ୍ତି ଖାଲି ତାଙ୍କ ଭାଇମାନଙ୍କ କଥା। ତାଙ୍କ ପାଇଁ ସାନ ତିନି ଭାଇ ହିଁ ତାଙ୍କର ଦୁନିଆ। ସେମାନଙ୍କୁ ଦୁନିଆ ବଡ଼ ଦାଣ୍ଡରେ ମଣିଷଟିଏ ପରି ମଣିଷ କରି ଗଢି ତୋଳିବାକୁ ସେ ନିଜ ଜୀବନର ବ୍ରତ କରିଥିଲେ। ତେଣୁ ସେ ବିବାହ ବି କଲେ ନାହିଁ। ବାପାମା' ଯେତେ ବୁଝାଇଲେ ମଧ୍ୟ ସେ ବିବାହ କରିବାକୁ ସଫା ସଫା ମନା କରି ଦେଇଥିଲେ। କାରଣ ଭାଇମାନଙ୍କ କଥା ବୁଝିବାରେ ହିଁ ତାଙ୍କୁ ମିଳେ ଖୁସି। ତେଣୁ ତାଙ୍କୁ ଛୋଟରୁ ବଡ଼ କରିବା ସହ ସେମାନଙ୍କ ପାଠପଢା କଥା ବୁଝିଛନ୍ତି। ସେମାନେ କେମିତି ରୋଜଗାରକ୍ଷମ ହୋଇପାରିବେ ସେ କଥା ବି ଦେଖିଛନ୍ତି। ଆଉ ବିବାହ ବୟସରେ ହାତକୁ ଦି' ହାତ କରିଛନ୍ତି। ଏବେ ଭାଇମାନଙ୍କ ପୁଅ ଝିଅଙ୍କର କଥା ବି ବୁଝୁଛନ୍ତି। ସେମାନଙ୍କ ଭଲ ମନ୍ଦ ବୁଝନ୍ତି। ପାଠପଢା ଖର୍ଚ୍ଚ ବି ବହନ କରୁଛନ୍ତି। ଏବେ ଝିଆରିମାନେ ଭଲ ଚାକିରି କଲେଣି। ଏଣୁ ବିବାହ ନ କଲେ ବି ସେ ଏକ ସୁଖର ସଂସାରରେ ରହୁଛନ୍ତି। ଆଉ ସମସ୍ତଙ୍କର ପ୍ରିୟ ଓ ଆଦରଣୀୟା ହୋଇଛନ୍ତି ସେ।

**ଶିବାନୀ ମହାନ୍ତି**

–ଦୁର୍ଯ୍ୟୋଧନ ପାତ୍ର, ଶରତ କୁମାର ରାଉତ, ଭାଗ୍ୟଶ୍ରୀ ମିଶ୍ର, ଭାସ୍କର ରାଉତରାୟ



# ଦାମୀ ରାଖୀ









**ପ୍ରତିବର୍ଷ ରାଖୀପୂର୍ଣ୍ଣିମା ଉପଲକ୍ଷେ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍‌ର ରାଖୀ ଉପଲବ୍ଧ ହୋଇଥାଏ। ସେଥିରୁ କିଛି ରାଖୀରେ ଜରି, ଚୁମୁକି କାମ ହୋଇଥାଏ ତ ଆଉ କିଛି ରାଖୀରେ ରଙ୍ଗବେରଙ୍ଗର ଆର୍ଟିଫିସିଆଲ୍ ଷ୍ଟୋନ, ମାଳି ଅଥବା ପର୍ଲ ଲାଗିଥାଏ। ହେଲେ ଏଠାରେ ଯେଉଁ ରାଖୀଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଉଛି ସେଥିରେ ସୁନା ଓ ହୀରାର ବ୍ୟବହାର ହୋଇଥିବାରୁ ସେଗୁଡ଼ିକୁ ଦାମୀ ରାଖୀ କୁହାଯାଉଛି...**

***ଓମ୍-ଚନ୍ଦ୍ର-ପଦ୍ମ ରାଖୀ:** ଏହି ଡିଜାଇନ୍‌ର ରାଖୀଟି ୧୮ କ୍ୟାରେଟ୍ ସୁନାରେ ତିଆରି। ତା'ସହିତ ଏଥିରେ ୩୧ଟି ସାର୍ଟିଫାଏଡ୍ ହୀରା ମଧ୍ୟ ଖଚିତ ହୋଇଛି। ସେଥିପାଇଁ ମାର୍କେଟ୍‌ରେ ଏହାର ମୂଲ୍ୟ ପ୍ରାୟ ୧୮ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରହିଛି।

***କମ୍ପାସ୍ ରାଖୀ କମ୍ ପେଣ୍ଡାଣ୍ଟ:** ଦିଗ ସମ୍ପର୍କିତ ସୂଚନା ପ୍ରଦାନ କଲା ଭଳି ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ଏହି ରାଖୀଟି ରିୟଲ୍ ଗୋଲ୍ଡରେ ତିଆରି। ତେଣୁ ଏହାର ମୂଲ୍ୟ ପାଖାପାଖି ୧୭ ହଜାର ଟଙ୍କା ରହିଛି।

***ଦ ଖଲ୍‌ସା ରାଖୀ:** ଏହାକୁ ଦୁଇ ପ୍ରକାରରେ ବ୍ୟବହାର କରିହେବ। ପ୍ରଥମତଃ ହାତରେ ପିନ୍ଧି ପାରିବେ ନଚେତ୍ ଲକେଟ୍ ରୂପେ ବେକରେ ମଧ୍ୟ ପିନ୍ଧିପାରିବେ। ତେବେ ଏହି ନିଆରା ଡିଜାଇନ୍‌ର ରାଖୀରେ ୧୮ କ୍ୟାରେଟ୍ ସୁନା ସାଙ୍ଗକୁ କେତେକ ରିୟଲ୍ ଡାଇମଣ୍ଡର ବ୍ୟବହାର ହୋଇଛି। ବଜାରରେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୮ ହଜାର ଟଙ୍କା ରହିଥିବା ସୂଚନା ରହିଛି।

***ଡାଇମଣ୍ଡ ଶ୍ରୀ ଗୋଲ୍ଡ ରାଖୀ:** ଏହି ଡିଜାଇନ୍‌ର ରାଖୀରେ ୯ କ୍ୟାରେଟ୍ ସୁନା ସାଙ୍ଗକୁ କେତେକ ଡାଇମଣ୍ଡର ବ୍ୟବହାର ହୋଇଥିବାରୁ ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ଏହାର ଦାମ୍ ମଧ୍ୟ ସେମିତି ଅଧିକ। ଏହାର ମୂଲ୍ୟ ପାଖାପାଖି ୧୬ ହଜାର ଟଙ୍କା ରହିଛି।

***ସୁପର୍ ହିରୋ ଗୋଲ୍ଡ ରାଖୀ:** ଯେଉଁ ଭାଇମାନେ ଟିକେ ଦୁଃସାହସିକ କାର୍ଯ୍ୟ କରିବାକୁ ପସନ୍ଦ କରିଥାନ୍ତି, ସେମାନଙ୍କୁ ଗିଫ୍ଟ ଦେବା ପାଇଁ ଏହି ସୁପର୍ ହିରୋ ଡିଜାଇନ୍‌ର ରାଖୀ ବେଷ୍ଟ ଅପ୍ସନ ହୋଇପାରିବ। ଏହି ରାଖୀରେ ୧୮ କ୍ୟାରେଟ୍ ସୁନା ସାଙ୍ଗକୁ କିଛି ଡାଇମଣ୍ଡ ଖଚିତ ହୋଇଥିବାରୁ ଏହାର ମୂଲ୍ୟ ପ୍ରାୟ ୧୬ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରହିଛି।

***ତ୍ରିଶୂଳ ରାଖୀ:** ୧୪ କ୍ୟାରେଟ୍ ଗୋଲ୍ଡ, ହ୍ୱାଇଟ୍ ଗୋଲ୍ଡ ଏବଂ କିଛି ରିୟଲ୍ ଡାଇମଣ୍ଡକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ରାଖୀଟିରେ ଉଭୟ ତ୍ରିଶୂଳ ଏବଂ ଓମ୍‌ର ଡିଜାଇନ୍ ଦେଖିବାକୁ ମିଳିଥାଏ, ସେଥିପାଇଁ ଏହାର ମୂଲ୍ୟ ପ୍ରାୟ ୧୭ ହଜାରରୁ ଊର୍ଦ୍ଧ୍ୱ ରହିଥିବା ଅନୁମାନ କରାଯାଏ।

*** ଡାଇମଣ୍ଡ ରାଉଣ୍ଡ ଶେପ୍ ରାଖୀ:** ଶତ ପ୍ରତିଶତ ନାଚୁରାଲ୍ ଡାଇମଣ୍ଡ ତଥା ୧୮ କ୍ୟାରେଟ୍ ସୁନାରେ ତିଆରି ଏହି ରାଉଣ୍ଡ ଶେପ୍‌ର ରାଖୀଟି ଭାଇମାନଙ୍କ ହାତକୁ ବେଶ୍ ସୁନ୍ଦର ଲାଗିବ। କିନ୍ତୁ ଏଥିପାଇଁ ଭଉଣୀମାନଙ୍କୁ ଟିକେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। କାରଣ ଏହି ରାଖୀର ଆନୁମାନିକ ମୂଲ୍ୟ ୧୫ ହଜାର ପାଖାପାଖି ରହିଛି।

*** ଡାଇମଣ୍ଡ ସ୍ୱସ୍ତିକ ରାଖୀ:** ଉଭୟ ରାଖୀ ଓ ଲକେଟ୍ ଭାବେ ବ୍ୟବହୃତ ହୋଇ ପାରୁଥିବା ଏହି ସ୍ୱସ୍ତିକ ଡିଜାଇନ୍‌ର ରାଖୀଟି ୯ କ୍ୟାରେଟ୍ ଗୋଲ୍ଡରେ ତିଆରି। ତାସହ ଏଥିରେ ପ୍ରାୟ ୨୫ଟି ସାର୍ଟିଫାଏଡ୍ ନାଚୁରାଲ୍ ଡାଇମଣ୍ଡ ବ୍ୟବହାର କରାଯାଇଛି। ବଜାରରେ ଏହା ପ୍ରାୟ ୧୩ ହଜାର ଟଙ୍କାରେ ବିକ୍ରି କରାଯାଉଥିବାର ସୂଚନା ରହିଛି।

***ଡାଇମଣ୍ଡ ଫ୍ଲାୱାର୍ ରାଖୀ:** ଫୁଲ ଡିଜାଇନ୍‌ର ଏହି ରାଖୀଟିରେ ୯ କ୍ୟାରେଟ୍ ଗୋଲ୍ଡ ସାଙ୍ଗକୁ ମଧ୍ୟଭାଗରେ ଗୋଟିଏ ଡାଇମଣ୍ଡର ବ୍ୟବହାର ହୋଇଥିବାରୁ, ଏହା ପ୍ରାୟ ୧୦ ହଜାର ଟଙ୍କାରେ ବିକ୍ରି ହେଉଥିବା ତଥ୍ୟ ରହିଛି।

***ନାମ ଲିଖିତ ହୋଇଥିବା ସୁନାର ରାଖୀ:** ଏହି ରାଖୀଟିକୁ ୧୮ କ୍ୟାରେଟ୍ ସୁନାର ପାତିଆ ଏବଂ ସେଥିରେ କେତୋଟି ହୀରା ଖଚିତ କରି ତିଆରି କରାଯାଇଛି। ତା'ସହିତ ଏହି ରାଖୀ ଉପରେ ଭାଇମାନଙ୍କ ନାମକୁ ଲେଖିବା ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ସେଥିପାଇଁ ଏହାର ମୂଲ୍ୟ ୧୧ ହଜାର ଟଙ୍କା ପାଖାପାଖି ରଖାଯାଇଛି।



# ଦେଶ ଜାତିର ପରିଚୟ ଦିଏ ଇତିହାସ

**କେ**ବେ ଗଢ଼ିଉଠିଥିଲା ଗଡ଼, କିପରି ଥିଲା ଗଡ଼ଖାଇର ଅତୀତ। ଆଉ କେମିତି ବିତିଥିଲା ଗଡ଼ବାସୀଙ୍କ ଜୀବନଶୈଳୀ। ଏମିତି ନାନା ପ୍ରକାରର କଥା ଜାଣିବା ପାଇଁ ଅନିସନ୍ଧିତ୍ସୁ ଭାବନାରେ ସେ ଖୋଜୁଥିଲେ ରାଜାରାଜୁଡ଼ା ସମୟର ବହୁ ଅନାଲୋଚିତ ଘଟଣାବଳୀକୁ। ଘୂରିବୁଲିଛନ୍ତି ବିଭିନ୍ନ ଅଞ୍ଚଳ। ସେଠାରୁ ସଂଗ୍ରହକରି ସାଇତି ରଖିଲେ ଅନେକ ପୁରୁଣା ଦସ୍ତାବିଜ। ସତ୍ୟ ଆଧାରିତ ତଥ୍ୟରେ ସେ ରଚନା କରିଛନ୍ତି ଏକାଧିକ ଇତିହାସ ପୁସ୍ତକ । ତାଙ୍କ ଲେଖାରେ ବାରିହୋଇପଡ଼େ ବୀରତ୍ୱର ଗାଥା। ମନେପଡ଼େ ଲାଲମାଟିର ଖୋର୍ଦ୍ଧାଗଡ଼ ଓ ରଣପୁରଗଡ଼ର ଅତୀତ। ଏପରି ନିଶାରେ ବିତିସାରିଲାଣି ପ୍ରାୟ ୬ ଦଶନ୍ଧି। ସରକାରୀ ଶିକ୍ଷକତାରୁ ଅବସର ନେଇସାରିଲେଣି। କିନ୍ତୁ କେବେ ଯଦି ଟିକେ ସମୟମିଳେ ସେ ପହଞ୍ଚି ଯାଆନ୍ତି ଘରପାଖ କେତୋଟି ଶିକ୍ଷାନୁଷ୍ଠାନରେ । ପାଇକ ବିଦ୍ରୋହ ଓ ପ୍ରଜାମେଳି ଘଟଣା ବିଷୟରେ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମର ବାର୍ତ୍ତା ବାଣ୍ଟନ୍ତି। ଏଥିପାଇଁ ତାଙ୍କୁ ରଣପୁର ଗୌରବ ସମେତ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଶିକ୍ଷାବିତ୍ ତଥା 'ରଣପୁର ଇତିହାସ'ର ଲେଖକ ସତ୍ୟବାଦୀ ବଳିଆରସିଂହ। ପିତାଙ୍କ ନାମ ବିଶ୍ୱନାଥ ଓ ମାତା ତୁଳସୀ ।ଘର ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଗଡ଼ବାଣୀକିଲୋ ଗାଁରେ। ଏବେ ସେ ରହୁଛନ୍ତି ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧାରେ। ସେ କୁହନ୍ତି ପିଲାଦିନେ ସ୍କୁଲରେ ଗପ, କବିତା ଲେଖୁଥିଲି। ଗଡ଼ବାଣୀକିଲୋ ମାଇନର ସ୍କୁଲରେ ପଢ଼ିଲାବେଳେ ପ୍ରଥମେ ଜୟଜଗନ୍ନାଥ ଓ ମା'ରାମଚଣ୍ଡୀଙ୍କ ନାମରେ ଦୁଇଟି କବିତା ଲେଖିଥିଲି । ସେବେଠାରୁ ମୋ ଲେଖା ଚାଲିଛି। ସେତେବେଳେ ଗାଁରେ ବାପୁଜୀ କିଶୋର ସଂଘ ଓ ଏକ ପାଠାଗାର ଗଢ଼ି ସାଙ୍ଗପିଲାମାନେ ଫୁଟବଲ ଖେଳୁଥିଲୁ। ଗାଁର ପୋଖରୀ ସଫେଇ, ରାସ୍ତା ମରାମତି ଓ ଗରିବଲୋକଙ୍କୁ ବିଭିନ୍ନ ସାହାଯ୍ୟ ସହଯୋଗ କରୁଥିଲୁ। ଏମ୍ଏ. ବିଏଡ୍ ପରେ ଗଡ଼ବାଣୀକିଲୋ ହାଇସ୍କୁଲରେ ଜଣେ ସହକାରୀ ଶିକ୍ଷକଭାବେ ଯୋଗଦେଇଥିଲି । ଏହାପରେ ଆଉ କେତୋଟି ସ୍କୁଲରେ ପ୍ରଧାନ ଶିକ୍ଷକ ଏବଂ ଖୋର୍ଦ୍ଧାରେ ବିଦ୍ୟାଳୟ ଅନୁନିରୀକ୍ଷକ




ଭାବେ ଯୋଗଦେଇ ୨୦୦୮ମସିହାରେ ସରକାରୀ କାର୍ଯ୍ୟରୁ ଅବସର ନେଇସାରିଛି। ଶହୀଦ ଦିବାକର ପରିଡ଼ାଙ୍କ ଭାଇ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପରିଡା ହେଉଛନ୍ତି ଆମ ଗାଁ'ର। ସେ ମୋ ବଡ଼ବାପା ହେବେ। ତାଙ୍କଠାରୁ ମୁଁ ଅନେକ ପ୍ରେରଣା ପାଇଥିଲି। ତାଙ୍କଘରେ ବିଭିନ୍ନ ବହି ଥିଲା। ଇତିହାସ ପ୍ରତି ଆଗ୍ରହ ହେବାରୁ ରଣପୁର ଇତିହାସ ଲେଖିଲି। ଇତିହାସ ଅତୀତ ଘଟଣାକୁ ସ୍ମୃତିପଟରେ ଉଦ୍‌ଭାସିତ ପାଇଁ ଅଧ୍ୟୟନ କରାଯାଏ ନାହିଁ ବରଂ ଇତିହାସକୁ ରୋମନ୍ଥନ କଲେ ଭବିଷ୍ୟତ ପାଇଁ ଶିକ୍ଷା ମିଳେ। ହଜିଲା ଅତୀତକୁ ଖୋଜିବାରେ ଖୁବ୍ ଆନନ୍ଦ ପାଏ। ଇତିହାସ କହିଲେ ସତ୍ୟ ଏବଂ ତଥ୍ୟକୁ ଅତୁଟ ରଖି ଅତୀତର ଯେଉଁ ଘଟଣାବଳୀ ଆଗାମୀ ପିଢ଼ିଙ୍କୁ ଦିଗ୍‌ଦର୍ଶନ ଦିଏ ତାକୁ ବୁଝାଏ। ଇତିହାସ ଦେଶ, ଜାତିର ପରିଚୟରେ ସହାୟକ ହୁଏ। ପୁରୁଣା କଥାକୁ ମନେପକାଇବା ଓ ମନରଖିବା ପାଇଁ ଇତିହାସ ପ୍ରେରଣାଦିଏ। ହେଲେ ଆଜିକାଲି ଇତିହାସକୁ ଅନେକେ ମନେ ରଖୁନାହାନ୍ତି। ରଣପୁର ଇତିହାସ ଲେଖିବା ପାଇଁ ବିଭିନ୍ନ ଗାଁକୁ ଯାଇ ଘୂରିବୁଲି ତଥ୍ୟ ସଂଗ୍ରହ କରିଥିଲି। ରାଜବଂଶର କଥା, ଲୋକଙ୍କ ବିଭିନ୍ନ ସତ୍ୟ ଘଟଣାର ଅନୁଭୂତିକୁ ସଂଗ୍ରହ କରିଥିଲି। ଅନେକ ସ୍ଥାନ ବୁଲିବା ଏବଂ ଲେଖାଲେଖି ଅଭ୍ୟାସ ଜାରି ରହିଛି। ବିଭିନ୍ନ ପତ୍ରପତ୍ରିକାରେ ଶତାଧିକ ସ୍ତମ୍ଭ ଓ ପ୍ରବନ୍ଧ ଲେଖା ପ୍ରକାଶିତ ହୋଇଛି। କିନ୍ତୁ ପ୍ରଥମେ ଶହୀଦ ରଘୁ ଦିବାକର- ୧୯୮୩, ରଣପୁର ବିଦ୍ରୋହ- ୧୯୮୫,ରଣପୁର ଇତିହାସ- ୧୯୮୭ (ଦ୍ୱିତୀୟ ସଂସ୍କରଣ-୧୯୮୯, ତୃତୀୟ ସଂସ୍କରଣ- ୧୯୯୦), ଲାଲମାଟିର କବିତା- ୨୦୦୧, ଜାତିର ଏକତା ତ୍ରିରଙ୍ଗା ପତାକା- ୨୦୦୧, ଆମ ଜାତୀୟ ପତାକା-୨୦୦୧, ନିର୍ବାଚନ: ଖୋର୍ଦ୍ଧା ଜିଲା ୨୦୦୨, ଅତୀତରୁ ଏଯାବତ୍- ଖୋର୍ଦ୍ଧା ଜିଲା ନିର୍ବାଚନ-୨୦୦୬,ପର୍ଯ୍ୟଟନରେ ଓଡ଼ିଶାର ଶାକ୍ତ ଓ ଶୈବପୀଠ-୨୦୧୨, ଦୀନ ଜନତାର ସାଥୀ-ହୃଷୀକେଶ ମୁଖୀ ୨୦୧୭, ଅନାଇରହିଛି ଗଡ଼ ଗଡ଼ଖାଇ-୨୦୧୯,ଖୋର୍ଦ୍ଧା ଇତିହାସର ଅନ୍ତୁଡ଼ିଶାଳ: ବରୁଣେଇ-୨୦୨୧ଆଦି ପୁସ୍ତକ ରଚନା କରିଛି। ପ୍ରତିଦିନ ରାତିରେ ହିଁ ବହି ଲେଖେ। କିଛି ଲେଖିବାକୁ ଅନେକ ବହି ପଢ଼ିବାକୁ ପଡ଼ିଥାଏ। ବିଭିନ୍ନ ସମୟର ଐତିହାସିକ ପୀଠର ଅତୀତ ଘଟଣା ସମ୍ପର୍କରେ ଲେଖେ।' ଅନ୍ୟପକ୍ଷେ ସେ ଏକାଧିକ ସ୍ମରଣିକା ଓ ପତ୍ରିକାର ସମ୍ପାଦନା କାର୍ଯ୍ୟ କରିଛନ୍ତି। ତେବେ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ମୁଖ୍ୟତଃ ପ୍ରତିଷ୍ଠାତା ଓ ସମ୍ପାଦକ ଭାବେ- ଦେବୀ ରାମଚଣ୍ଡୀ କ୍ଲବ, ବାପୁଜୀ କିଶୋର ରାଇଜ, ଶହୀଦ ରଘୁ ଦିବାକର ସ୍ମୃତି ପରିଷଦ, ପାଠାଗାର ଏବଂ ଗଡ଼ବାଣୀକିଲୋ ହାଇସ୍କୁଲ, ଅନଙ୍ଗ ନରେନ୍ଦ୍ର ଶିକ୍ଷା ନିକେତନ (ଅଧୁନା ସରକାରୀ ମାଧମିକ ପ୍ରଶିକ୍ଷଣ ବିଦ୍ୟାଳୟ), କୁମୁଦିନୀ ପି.ଏ.ଏନ୍. ବାଳିକା ହାଇସ୍କୁଲ ବାଙ୍କୋଇ, ଖୋର୍ଦ୍ଧା ସରସ୍ୱତୀ ଶିଶୁ ମନ୍ଦିର ସମେତ ବହୁ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ଗଢ଼ିବାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଜଣେ ଐତିହାସିକ, କବି, ସୁବକ୍ତା , କ୍ରୀଡ଼ାବିତ୍ , ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ତାଙ୍କର ଆଉ ଏକ ଭିନ୍ନ ପରିଚୟ ସୃଷ୍ଟି ସେ କରିଛନ୍ତି। ଆଉ ଏକ କଥା ପାଇକ ଖେଳ ପ୍ରତି ସରକାରୀ ସ୍ତରରେ ସ୍ୱତନ୍ତ୍ର କ୍ଷେତ୍ର କରାଯିବା ଉଚିତ ବୋଲି ସେ ମନେ କରନ୍ତି। ତେବେ ପୁରସ୍କାର ଅପେକ୍ଷା ଲୋକଙ୍କ ହୃଦୟର ସମ୍ମାନ ତାଙ୍କ ପାଇଁ ପ୍ରକୃତ ସମ୍ମାନ ବୋଲି ସେ କୁହନ୍ତି । ମାତ୍ର ବୟସର ଅପରାହ୍ନରେ ବି ଥକି ପଡ଼ିନି ତାଙ୍କର ପାଦ। ସର୍ବଦା ଚଳଚଞ୍ଚଳ ହୁଏ ତାଙ୍କ କଲମ ମୁନ।

**-ବନବିହାରୀ ବେହେରା**















# ଗୁଡକଙ୍କ ଓ ଅନ୍ୟାନ୍ୟ କବିତା

**ପବିତ୍ର ମୋହନ ଦାଶ**

### ଗୁଡ଼କଙ୍କ
-------------

କେହି କେବେ କାହାରିକୁ
ପାରନ୍ତି କି ଛୁଇଁ ?
ଅନାଦି କାଳରୁ ତୁମେ
ଧାଇଁଛ ମୋ ପଛେ ପଛେ
ମୁଁ କିନ୍ତୁ ଧରା ଦେଇ ନାହିଁ ।

### ସ୍ୱର୍ଗଦ୍ୱାର
---------

କେବେଠାରୁ ମରଣ ମଲାଣି ଏଠି
ସମୁଦ୍ରର ଲବଣରେ ବୁଡି
ଦର ପୋଡା ମଡା ଗନ୍ଧ ସହ
ଭାସି ଆସେ
ପୋଡା ଭେକଟି ବାସ୍ନାର କୁହୁଡି ।

### ଅଜ୍ଞାତ
--------

ଆଲୁଅର ଶୋଷ ମଲା
ଦୀପ ଲିଭି ଗଲା
ଅନ୍ଧାରର ସୀମାନ୍ତରୁ
ଅଜ୍ଞାତ ଡାକିଲା ।

--------------

-ଇଂରାଜୀ ବିଭାଗ,
ଶାସ୍ତ୍ରୀସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ,ପୁରୀ
ମୋ:୯୪୩୭୨୦୭୫୪୮

# ପରିଚୟ

**-ମନୋଜ ଦାଶ**

ଗର୍ଭ ଯନ୍ତ୍ରଣାର ଚିତ୍କାରରେ ଡାକ୍ତର ଖାନା ପରିସର ଫାଟି ପଡୁଥିଲା । ସେହି ଭିତରେ ଝରଣାକୁ ଛାଡ଼ି ତାର ସ୍ୱାମୀ ବାହାରକୁ ଚାଲି ଆସିଲେ । ଝରଣାର ବିକଳ ଚିତ୍କାର ଅନ୍ୟ ସ୍ତ୍ରୀ ଲୋକଙ୍କ ଚିତ୍କାର ଭିତରେ କୁଆଡେ ହଜି ଯାଉଥିଲା । ବାହାରେ ଉତ୍କଣ୍ଠାର ସହ ଉପସ୍ଥିତ ବନ୍ଧୁ ପରିଜନ । ଓଟିରୁ ବାହାରି କେମିତି ଖବର ପାଇବେ ପୁଅ ହେଇଚି ନା ଝିଅ । ଯଦି ପୁଅ ହେଇଥାଏ ବିଜୟ ଉତ୍ସବ ପାଳନର ଆୟୋଜନ ସଙ୍ଗେ ସଙ୍ଗେ ଆରମ୍ଭ ହୁଏ । ଯୁଦ୍ଧର ମଙ୍ଗ ଧରିଥିବା ସେନାପତି ଅର୍ଥାତ ପୁଅର ମାକୁ ଆଦର ଯତ୍ନରେ ପୋତି ଦିଆଯାଏ । ଯଦି ଝିଅ ହୁଏ ପରାଜୟ ଗ୍ଲାନିରେ ଭିତରେ କୁହୁଳି ବାହାରେ ଦେଖେଇ ହେଇ କହିବେ ପୁଅ ଝିଅ ଉଭୟ ସମାନ । ଈଶ୍ୱରଙ୍କ ଯାହା ବରାଦ । ଆଉ କେତେକ କ୍ଷେତ୍ରରେ ଉଭୟ ମାଆ ପିଲା ଜୀବନ ଫେରି ପାଆନ୍ତିନି ଲଢେଇରେ। ଏ ସବୁ ଝରଣା ଭୋଗି ଆସିଛି ଅନେକ ଥର । ପୂର୍ବରୁ ତିନିଥର ଏହି ଜାଗାକୁ ସେ ଆସିଛି । ତିନୋଟି ଝିଅ ଜନ୍ମ ଦେଇଛି । ଦୁଇଟି ଯୋଗକୁ ବଞ୍ଚିଲେ ଗୋଟିଏ ପେଟରୁ ମଲାଛୁଆ ହୋଇ ବାହାରିଲା । ପେଟ ଭିତରେ କେତୁଟାଙ୍କୁ ମରାଯାଇଛି ସେ ତାର ହିସାବ ସେ ରଖିନି । ସବୁ ଖାଲି ପୁଅଟେ ପାଇଁ । ସେ ହାରୁଥିଲା । ହାରୁଥିଲେ ପୁଅର ବାପା ବୋଲାଇବାକୁ ଲୋଭ କରୁଥିବା ତାର ସ୍ୱାମୀ । ଝିଅ ହେଲେ ସେ ଗାଳିମାଡ଼ ଖାଉଥିଲା । ତୃତୀୟ ଝିଅ ଯତ୍ନ ଅଭାବରୁ ପେଟରେ ମଲା ବୋଲି ଆଶା ଦିଦି ବୁଝେଇଥିଲେ । ଏହା ବି କହିଥିଲେ ଝିଅ ହେବା ପାଇଁ ମାଆ ନୁହେଁ ବାପା ଦାୟୀ । ନିଜେ ଜନ୍ମ ହେଉ ମାଆ ମରିଗଲା ବୋଲି ମା' ଖାଇ ଥିଲା । ଦୁଃଖ ପାଉଥିଲା । ହାତକୁ ଦି ହାତ ହେଲା ପରେ ସ୍ୱାମୀ ନାମକ ମଣିଷ ପାଖରେ ନିଜକୁ ବିକିଦେଲା । ମଜୁରୀ ମାନେ କଣ ଯେ ! ଭାତ ଗଣ୍ଡାଏ । ବାକି ଦିନଟା ସାରା ଗୋରୁଗାଈ ଭଳି ଖଟୁଥିଲା । ପ୍ରଥମ ଝିଅର ଜନ୍ମ ପରେ ଅଧିକ ହିଂସ୍ର ହେଲେ ସ୍ୱାମୀ । ସିଧା ସିଧା ମନା କରିଦେଲା ଏ ଝିଅର ବାପା ସେ ନୁହେଁ । ଏଇଟା ତାର ପାପ ଗର୍ଭ । ଆଉ କାହାର ପିଲା କୁ ମୁଁ ଗ୍ରହଣ କରିବିନି, ବୋଲି ସିଧା ନେଇ ତା ବାପ ଘରେ ଛାଡ଼ି ଦେଇ ଆସିଲେ । ବାପ ଘର ଲୋକ ନ୍ୟାୟ ପଞ୍ଚାୟତ ଦୌଡ଼ି ଦୌଡ଼ି ମୀମାଂସା କରାଇ ପୁଣି ତା ସ୍ୱାମୀ ପାଖରେ ଛାଡିଦେଲେ । ଜୀବନ ହାରିଦେବାକୁ ଇଚ୍ଛା ଥିଲେ ମଧ୍ୟ ଝିଅର କୋମଳ ନିରୀହ ମୁହଁକୁ ଦେଖି ସାହସ ଠୁଳ କରୁଥିଲା ସେ । ପରଥରକ



ପେଟରେ ପିଲା ରହୁ ରହୁ ଝିଅ ଡରରେ ଗର୍ଭପାତ କରେଇଲେ ସ୍ୱାମୀ । ଦୁନିଆଁ ଚେରମୂଳ ଖାଇ ଦୁର୍ଭାଗ୍ୟକୁ ଆଉ ଦୁଇ ଝିଅ । ଝିଅ ହେଲେ ସମାନ ଅଭିଯୋଗ ! ଏ ପିଲା ମୋର ନୁହେଁ । ପିଲା ଜନ୍ମ କରୁଥିବା ନାରୀଟି ତା ଭିତରେ କାନ୍ଦେ । ଠାକୁରଙ୍କୁ ନେହୁରା ହୁଏ ପୁଅଟେ ପାଇଁ । ଏଥର ସଫା ଶୁଣେଇ ଦେଇଛି ଯଦି ଏଥର ପୁଅ ନହୁଏ ସେ ତାକୁ ଘରକୁ ନେବନି । ବାପଘର ଲୋକେ ତାର ଦାୟିତ୍ୱ ନିଅନ୍ତୁ । ଝରଣାର ପାଳି ଆସିଲା । ଠାକୁରଙ୍କୁ ଗୁହାରି କରି କରି ଭିତରକୁ ଗଲା ଏବଂ ପୁଅଟିଏ ଜନ୍ମ ଦେଲା । ଡାକ୍ତରଖାନା ପକେଇଲା ଉଠେଇଲା ସ୍ୱାମୀ । ବିଜୟ ଉତ୍ସବ ପାଇଁ ଆୟୋଜନ ଚାଲିଲା ଘରେ । ଆଖପାଖ ଗାଁର ମାନ୍ୟ ଗଣ୍ୟ ଲୋକଙ୍କୁ ନିମନ୍ତ୍ରଣ କରାଗଲା । ନାଚ ଗୀତର କାର୍ଯ୍ୟକ୍ରମ ଭିତରେ ଖୁସି ଖୁସି ବୁଲୁଥିବା ଦୁଇ ଦୁର୍ବଳ ଚେହେରାର ଝିଅଙ୍କୁ ଦେଖି ଲୁହ ଆସିଗଲା ତାର ଆଖିରେ । ପୁଅକୁ ଧରି ସଜେଇ ହୋଇଥିବା ଝରଣା ଉଠି ଠିଆ ହେଲା । ସ୍ପିକର ଧରି ଗୀତ ଗାଉଥିବା ପିଲାଟି ପାଖରୁ ମାଇକ୍ରୋଫୋନ ନେଇ କହିବାକୁ ଆରମ୍ଭ କଲା । ମୋ ଦୁଇ ଝିଅଙ୍କୁ ନିଜ ଝିଅ ବୋଲି ମାନୁ ନଥିବା ମୋର ସ୍ୱାମୀଙ୍କ ରାଣ ଖାଇ କହୁଛି ଏଇ ପୁଅ ତାଙ୍କର ନୁହେଁ । ଦୁଇ ଝିଅଙ୍କ ଭଳି ଏଇ ପୁଅର ମାଆ ମୁଁ କେବଳ । ଝରଣା କହୁ କହୁ ବିକଳ ହୋଇ କାନ୍ଦିବା ଆରମ୍ଭ କଲା ଯେମିତି ଫାଟିଯିବ ମାଟି ।

*-ନୀଳକଣ୍ଠପୁର, ବାଲୀପୁଟ , ପୁରୀ*
*ମୋ: ୭୯୭୮୪୯୪୯୦୪*

# ତୁମକୁ ପ୍ରଣାମ କର


**ଡକ୍ଟର ସରୋଜିନୀ ଷଡ଼ଙ୍ଗୀ**

ତୁମ ଦେହ ସୁଗନ୍ଧରୁ
ବହୁଥିବା ପବନର, ହାତ ଧରି
ଚାଲିବା ଶିଖିଲି,
ତୁମ ସବୁଜ କ୍ଷେତର
ଅରଣ୍ୟରୁ ଶସ୍ୟ ନେଇ
ବଞ୍ଚିବା ଶିଖିଲି,
ତୁମ ପାଦ ତଳ ଭୂଇଁ
କପାଳରେ ମାରି, କ୍ରମେ କ୍ରମେ
ମାଟିର ସିଂହାସନରେ
ଅଭିଷିକ୍ତା ହେଲି,

ତୁମକୁ ପ୍ରଣାମ କରେ
ହେ ମୋର ଭାରତବର୍ଷ
ତୁମେ ପୁଣି ନୂଆ ରୂପ
ନୂଆ ତେଜ ନେଇ
ପୁଣି ଥରେ ଉଦ୍ଭାସିତ ହୁଅ
ଆଜି ଏ ଶୁଭ ସକାଳରେ ।

*ସ୍ତ୍ରୀ ରୋଗ ବିଶେଷଜ୍ଞ,*
*ଲିଙ୍କ୍ ରୋଡ୍, କଟକ*
*ମୋ- ୯୪୩୭୦୫୫୦୦୭*




ଦୀପିକା

# ଯୋଗ ପ୍ରଶିକ୍ଷିକା ଦୀପିକା

ଦୀପିକା ପାଦୁକୋନଙ୍କୁ ନେଇ ଏବେ ଚର୍ଚ୍ଚା। ହେଲେ ସେ କାହିଁକି ଆଲୋଚନାର ଶିରୋନାମା ପାଲଟିଛନ୍ତି ଜାଣିବେନି ? କଥା କ'ଣ କି ସେ ଏବେ ଟ୍ରେନିଂ ଦେବାରେ ବ୍ୟସ୍ତ। ଯେହେତୁ ପ୍ରତିଦିନ ସକାଳେ କିଛି ସମୟ ପାଉଛନ୍ତି, ତେଣୁ ସେହି ସମୟ ଭିତରେ ନିଜ ଫିଟ୍‌ନେସ୍ ପ୍ରତି ନଜର ଦେବା ସହ ସେ ଟ୍ରେନର ଆସନରେ ବସୁଛନ୍ତି। ଅର୍ଥାତ୍, ତାଙ୍କର କେତେ ଜଣ ସାଙ୍ଗଙ୍କୁ ଏବେ ଯୋଗ ଶିକ୍ଷା ଦେଉଛନ୍ତି ଦୀପିକା। ଏ ସମ୍ପର୍କରେ ସେ କହନ୍ତି, 'ଅସଲ କଥା ହେଲା, ଆମେ ସାଥୀ ହୋଇ ଏକ୍ସରସାଇଜ କରୁଛୁ। ତା'ପରେ ସେମାନଙ୍କୁ ଯୋଗ ବିଷୟରେ ଟିପ୍ସ ଦେଉଛି। ସେମାନେ ମଧ୍ୟ ମୋ ଟିପ୍ସକୁ ଫଲୋ କରୁଛନ୍ତି। ଯେହେତୁ ସେମାନେ ମୋ ସାଙ୍ଗ ଏବଂ ମୋ ନିକଟରୁ ଯୋଗ ଶିଖିବାକୁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ, ତେଣୁ ସେମାନଙ୍କ ମନକୁ ମୁଁ ଭାଙ୍ଗିପାରି ନ ଥିଲି। ଇଏ ତ ଗଲା ମୋ ଯୋଗ ଟ୍ରେନିଂ କଥା। ଶୁଣିବାକୁ ପାଉଛି ଯେ ଇତିମଧ୍ୟରେ ମୁଁ କୁଆଡେ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ଏସବୁ ଗୁଜବ। ଏହାପଛରେ ଆଦୌ ସତ୍ୟତା ନାହିଁ। ନିକଟରେ ୨-୩ଟି ସିନେମା ହାତଛଡା କରିଛି- ଏକଥା ସତ। କାରଣ ଏଗୁଡିକର କାହାଣୀ ମୋତେ ପ୍ରଭାବିତ କରିପାରି ନ ଥିଲା।' ତେବେ ଯୋଗ ପ୍ରଶିକ୍ଷିକା ଭାବରେ ଦୀପିକା କେତେ ପ୍ରଶଂସା ସାଉଁଟୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଲୁଚାଉଛନ୍ତି ବାଣୀ

ବାଣୀ କପୁର ଏବେ ଗୋଟିଏ କଥାକୁ ଲୁଚାଉଛନ୍ତି। ଶୁଣିବାକୁ ମିଳୁଛି ଯେ ସେ ଜଣେ ବିଦେଶୀ ବ୍ୟବସାୟୀଙ୍କ ପ୍ରେମରେ ଉବୁଟୁବୁ ହେଉଛନ୍ତି। ହେଲେ ପଚାରିଲା ବେଳକୁ ସେ ଅସଲ କଥାକୁ ଲୁଚାଉଛନ୍ତି। କଥା କ'ଣ କି ବାଣୀ ଏବେ ପ୍ୟାରିସ୍‌ରେ ଡେରା ପକାଇଛନ୍ତି। ଯେହେତୁ ଶୁଟିଂରୁ ବ୍ରେକ୍ ମିଳିଛି ତେଣୁ ମାଇଣ୍ଡ ଫ୍ରେସ କରିବାକୁ ସେ ସେଠାକୁ ଯାଇଛନ୍ତି। ଯେତେବେଳେ ତାଙ୍କର ପ୍ରେମ କାହାଣୀ କଥା ତାଙ୍କ କାନରେ ବାଜିଲା ସେ ବା କିପରି ଥୟ ଧରି ବସନ୍ତେ ? ଏ ନେଇ ସଫେଇ ଦେଇ ବାଣୀ କହନ୍ତି, 'ଜଣେ ବିଦେଶୀ ବ୍ୟବସାୟୀଙ୍କ ସହ ମୋର ପ୍ରେମ ସମ୍ପର୍କ ରହିଛି ବୋଲି ଯାହା ଆଲୋଚନା ହେଉଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କେହି ମୋତେ ଦମନାମ କରିବାକୁ ଏପରି ଅପପ୍ରଚାର କରୁଛନ୍ତି। ହେଲେ ସେଭଳି କଥାକୁ ମୁଁ କେବେ ଗୁରୁତ୍ୱ ଦିଏନା। କାରଣ ମୁଁ ସବୁବେଳେ ସତ କଥାରେ ହିଁ ବିଶ୍ୱାସ କରେ।' ବାଣୀଙ୍କ ଅଭିନୀତ ପ୍ରଥମ ହିନ୍ଦି ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ତା'ପରେ ସେ 'ବେଫିକ୍‌ରେ', 'ୱାର୍' ଏବଂ 'ବେଲ୍ ବଟମ'ରେ ଅଭିନୟ କରିସାରିଛନ୍ତି।


ବାଣୀ


କଙ୍ଗନା


ସୂର୍ଯ୍ୟକାନ୍ତ

# ଶୁଭ ଦିନକୁ ଅପେକ୍ଷା

ଅଭିନେତା-କମ୍-ପ୍ରଯୋଜକ ସୂର୍ଯ୍ୟକାନ୍ତ ସାମଲ ଏବେ ଶୁଭ ଦିନକୁ ଅପେକ୍ଷା କରିଛନ୍ତି। ଗୋଟିଏ ପଟେ ସେ ପ୍ରଯୋଜନା କରିଥିବା ଏବଂ ନାୟକ ସାଜିଥିବା 'ବାଳୀ-ଦ ସେଭିୟର' ପରଦା ଉପରକୁ ଆସିବ। ଇତି ମଧ୍ୟରେ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଆମ ରାଜ୍ୟରେ ପ୍ରେକ୍ଷାଳୟ ଖୋଲି ଗଲାଣି। ତେଣୁ ଖୁବ୍ ଶୀଘ୍ର ଏହି ଫିଲ୍ମଟିକୁ ଦର୍ଶକ ବଡ ପରଦାରେ ଦେଖିପାରିବେ ବୋଲି ସୂଚନା ଦେଇଛନ୍ତି ସେ। ଅନ୍ୟପକ୍ଷରେ ସୂର୍ଯ୍ୟକାନ୍ତ ଖୁବ୍ ଶୀଘ୍ର ଆଉ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରିବାକୁ ଯୋଜନା କରୁଛନ୍ତି। ଏ ନେଇ ପ୍ରାରମ୍ଭିକ କାମ ଚାଲୁ ରହିଛି ବୋଲି କହନ୍ତି ସେ। ରିଲିଜ ଅପେକ୍ଷାରେ ଥିବା 'ବାଳୀ' ବିଷୟରେ ସୂର୍ଯ୍ୟକାନ୍ତ କହନ୍ତି, ' ମନ ପରି ମନଟିଏ ପାଇବା ପରେ ନିଜ ପ୍ରେମକୁ ସଫଳ କରିବାକୁ ଅଣ୍ଟା ଭିଡିଛି ବାଳୀ। ତା'ସହ ବାଳୀ ନାମକ ଜଣେ ସାଧାରଣ ଯୁବକ କିପରି ଲୋକମାନଙ୍କର ଦୁଃଖସୁଖରେ ନିଜକୁ ଭାଗିଦାର କରିପାରୁଛି ଏବଂ ଏଥିପାଇଁ ସବୁ ପ୍ରକାର ଚ୍ୟାଲେଞ୍ଜର ସାହସର ସହ ସାମନା କରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।' ଏଥିରେ ତାଙ୍କର ନାୟିକା ସାଜିଛନ୍ତି ମାମା ସାମଲ। ଅନ୍ୟପକ୍ଷରେ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପ ରୟ ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲିକ୍ରିଷ୍ଣା।


ଆଲିୟା

# ସିଦ୍ଧାର୍ଥଙ୍କ ପାଇଁ..

ଆଲିୟା ଭଟ୍ଟଙ୍କ ମୁହଁରେ ଏବେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ ଉଭୟ ସିଦ୍ଧାର୍ଥ ଏବଂ ଆଲିୟା ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦୁହିଁଙ୍କର ପ୍ରେମ ସମ୍ପର୍କରେ ବେଶ୍ ଆଲୋଚନା ହୋଇଥିଲା। କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇ ରହି ନ ଥିଲା। କଥା କ'ଣ କି ଏବେ ପୁଣି ଥରେ ସିଦ୍ଧାର୍ଥଙ୍କ ସହ ଅଭିନୟ କରିବାକୁ ଆଲିୟାଙ୍କୁ ଚାନ୍ସ ମିଳିଛି। ଆଉ ଏପରି ସୁଯୋଗକୁ କୁଆଡେ ସେ ହାତଛଡା କରିବାକୁ ଚାହାନ୍ତି ନାହିଁ। ଏପରି ଅଫର ବିଷୟରେ ମହେଶ ତନୟା କହନ୍ତି, 'ଜଣେ ନୂଆ ପ୍ରଯୋଜକ ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଯାଉଛନ୍ତି। ସିଦ୍ଧାର୍ଥଙ୍କ ଆକ୍ଟିଂ ମୋତେ ବେଶ୍ ଇମ୍ପ୍ରେଶ କରିଛି। ପ୍ରଥମ ସିନେମାରେ ତାଙ୍କ ଅଭିନୟ ବହୁତ ସୁନ୍ଦର ହୋଇଥିଲା। ଆଶା ରଖିଛି ଏହି ନୂଆ ସିନେମାରେ ଆମ ଯୋଡିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ବାସ୍ତବ ଜୀବନରେ ସେ ଜଣେ ଭଲ ମଣିଷ। ତାଙ୍କର ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିଛି।' ତେବେ ଏହି ଫିଲ୍ମର ଟାଇଟଲ୍ ଫାଇନାଲ ହୋଇନାହିଁ।

# କଙ୍ଗନାଙ୍କ ଟି' ପାର୍ଟି

କଙ୍ଗନା ରାଣାୱତ ଏବେ ବୁଦାପେଷ୍ଟରେ ଅଛନ୍ତି। କାରଣ ସେ ଅଭିନୟ କରୁଥିବା ନୂଆ ସିନେମା 'ଧାକଡ'ର ଶୁଟିଂ ସେଠାରେ ଚାଲୁ ରହିଛି। ଥରେ ଶୁଟିଂ ସମୟରେ ୟୁନିଟ୍‌ର ସମସ୍ତ ସଦସ୍ୟଙ୍କୁ ଟି' ପାର୍ଟିରେ ଆପ୍ୟାୟିତ କରିଥିଲେ ସେ। ସେଦିନ ଠିକ୍ ପ୍ୟାକ୍‌ଅପ୍ ପୂର୍ବରୁ ଏହି ପାର୍ଟିରେ କଙ୍ଗନା ନିଜ ଆକ୍ଟିଂ କ୍ୟାରିୟର ସମ୍ପର୍କରେ ବଖାଣିବାକୁ ଭୁଲି ନ ଥିଲେ। 'ଆକ୍ଟିଂ ଏକ ସହଜ କଥା ନୁହେଁ। ଏଥିପାଇଁ ସାଧନା ଦରକାର। ଅଭିନୟ ଜୀବନରୁ ମୁଁ ଅନେକ କିଛି ଶିଖିଛି। ଏବେ ଏକ ନୂଆ କାମରେ ମନୋନିବେଶ କରିଛି। ନାରୀଭିତ୍ତିକ ଭଲ ଭଲ କାହାଣୀ ଖୋଜିବାରେ ନିଜକୁ ବ୍ୟସ୍ତ ରଖିଛି। କାରଣ ନାରୀଭିତ୍ତିକ କାହାଣୀ ଏବଂ ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ନିର୍ମିତ ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ତା' ସହ ସାଂପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ଏବେ ଜାରି ରହିଛି। ଏହି ଫିଲ୍ମରେ ମୋ ଭୂମିକାକୁ ନେଇ ବେଶ୍ ଆଶା ରଖିଛି। ହେଲେ ସବୁ କିଛି ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମ ବ୍ୟତୀତ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ଅଭିନେତ୍ରୀ ଜେ. ଜୟଲଳିତାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ସିନେମା 'ଥାଲାଇଭି'ରେ କଙ୍ଗନା ଅଭିନୟ କରିଛନ୍ତି।

ପ୍ରଥମ ରୋଜଗାର

# ପ୍ରଥମ ଟଙ୍କାରେ ହନୁମାନଙ୍କ ପାଖେ ଭୋଗ କରିଥିଲି



ଆୟୁର୍ବେଦିକ ଚିକିତ୍ସକ ତଥା ଅଧ୍ୟାପକ **ଡା. ଶିବପ୍ରସାଦ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା କୁହୁଡ଼ି ନିକଟସ୍ଥ ଗଈନଡ଼ା ଗାଁରେ ମୋ ଜନ୍ମ। ଚିଲିକା ଉଚ୍ଚ ବିଦ୍ୟାପୀଠରୁ ୨୦୦୪ରେ ମାଟ୍ରିକ୍ ପାସ୍ କରିବା ପରେ ପୁରୀ ଏସ୍.ସି.ଏସ୍. କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢିଥିଲି। ତା'ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ବ୍ୟାଚଲର୍ ଅଫ୍ ଆୟୁର୍ବେଦ୍, ମେଡିସିନ ଆଣ୍ଡ ସର୍ଜରି (ବିଏଏମ୍ଏସ୍)କୋର୍ସ କଲି। ଏହା ଥିଲା ସାଢ଼େ ପାଞ୍ଚ ବର୍ଷିୟା ପାଠ୍ୟକ୍ରମ, ଯେଉଁଥିରେ ସାଢେ ଚାରି ବର୍ଷ ଆମକୁ ବିଭିନ୍ନ ବିଷୟ ଉପରେ ପଢ଼ିବାକୁ ପଡୁଥିଲା ଏବଂ ଶେଷ ବର୍ଷରେ ଆମର ଇଣ୍ଟର୍ନଶିପ୍ ହେଉଥିଲା। ପିଲାବେଳୁ ଯେହେତୁ ପାଠରେ ଭଲ ଥିଲି, ତେଣୁ ବିଏଏମ୍ଏସ୍ କୋର୍ସର ସବୁ ବିଷୟରେ ମୁଁ ଭଲ ମାର୍କ ରଖିଲି। ଏପରି କି ଗୋଟେ ବର୍ଷ ମୁଁ ୟୁନିଭର୍ସିଟି ଟପ୍ପର ବି ହୋଇଥିଲି। ଆଉ ସେହି ସମୟରେ ମୋତେ କନିକା ଆୟୁର୍ବେଦ ଫାଉଣ୍ଡେସନ୍ ତରଫରୁ ବେଷ୍ଟ ଷ୍ଟୁଡେଣ୍ଟ ଇନ୍ ଦ୍ରବ୍ୟଗୁଣ ସ୍କଲାର୍ ଆୱାର୍ଡ ମିଳିଥିଲା। ବିଏଏମ୍ଏସ୍ କୋର୍ସ ସରିବା ପରେ ମୁଁ ଅଲ୍ ଇଣ୍ଡିଆ ଆୟୁଷ ପୋଷ୍ଟ ଗ୍ରାଜୁଏଶନ୍ ଏଣ୍ଟ୍ରାନ୍ସ ଟେଷ୍ଟ ଦେଇ ସର୍ବଭାରତୀୟ ସ୍ତରରେ ୨୭ତମ ସ୍ଥାନ ରଖିଲି ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟିଚିଂ ଆଣ୍ଡ ରିସର୍ଚ୍ଚ ଇନ୍ ଆୟୁର୍ବେଦ(ଯାହା ଏବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟାଶନାଲ୍ ଇମ୍ପୋଟାନ୍ସ ଇନ୍ ଆୟୁର୍ବେଦ ଭାବେ ପରିଚିତ), ଜାମନଗରରେ ପିଜି ପାଇଁ ଆଡ୍‌ମିଶନ୍ ନେଲି। ଏହା ଥିଲା ୩ ବର୍ଷର କୋର୍ସ ଆଉ ପ୍ରଥମରୁ ହିଁ ମୋତେ ପ୍ରତିମାସ ପାଖାପାଖି ୪୨ ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ମିଳିଚାଲିଲା। ତେବେ ପ୍ରଥମ ମାସର ଷ୍ଟାଇପେଣ୍ଡ ପାଇଲା ପରେ ଜାମନଗରସ୍ଥିତ ଏକ ହନୁମାନ ମନ୍ଦିରରେ ମୁଁ ହଜାର ଟଙ୍କାର ଭୋଗ କରିଥିଲି। ତା'ପରେ ପ୍ରାୟ ୭୦% ଟଙ୍କା ଘରକୁ ବାପାଙ୍କ ପାଠକୁ ପଠାଇଥିଲି। କାରଣ ଆମେ ଥିଲୁ ୮ ଭାଇଭଉଣୀ (୬ଭଉଣୀ ଓ ୨ ଭାଇ)। ଭାଇମାନଙ୍କ ଭିତରେ ମୁଁ ଥିଲି ସବୁଠୁ ବଡ଼। ତେଣୁ ବାପାଙ୍କୁ ପରିବାର ଚଳାଇବାରେ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ ଥିଲା। ସେଥିପାଇଁ କେବଳ ଗୋଟିଏ ମାସ ନୁହେଁ ପ୍ରତିମାସ ଷ୍ଟାଇପେଣ୍ଡ ପାଇଲା ପରେ ମୁଁ ଘରକୁ ଟଙ୍କା ପଠାଉଥିଲି। ପିଜି ପରେ ମୁଁ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ୍‌ରେ ଆପ୍ଲାଏ କରି ମେଡିକାଲ୍ ଅଫିସର୍ ଭାବେ ୨୦୧୭ରେ ଗଭର୍ନମେଣ୍ଟ ଆୟୁର୍ବେଦିକ ଡିସ୍‌ପେନ୍‌ସାରୀ, ଗୋଳାବନ୍ଧ, କେନ୍ଦୁଝରରେ ନିଯୁକ୍ତି ପାଇଲି। ୨୦୧୮ରେ ଲେକ୍‌ଚରର୍ ଇନ୍ ଦ୍ରବ୍ୟଗୁଣ ପୋଷ୍ଟ ପାଇଁ ଏଣ୍ଟ୍ରାନ୍ସ ବାହାରିବାରୁ ସେଥିରେ ଆପ୍ଲାଏ କରି ଓଡ଼ିଶାରେ ଟପ୍ପର ହେଲି। ଆଉ ସେବେଠାରୁ ମୁଁ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଆଙ୍କୁଶପୁର, ବ୍ରହ୍ମପୁରର ଦ୍ରବ୍ୟଗୁଣ ବିଭାଗରେ ଅଧ୍ୟାପକ ସହିତ ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ କାର୍ଯ୍ୟ କରିଆସୁଛି। ଏ ତ ଥିଲା ମୋର ପାଠପଢା ଓ ଚାକିରି ଜୀବନ କଥା। ଏହାବାଦ୍ ଆୟୁର୍ବେଦ ଚିକିତ୍ସା ସମ୍ପର୍କିତ ପ୍ରାୟ ୧୦/୧୨ଟି ରିସର୍ଚ୍ଚ ଆର୍ଟିକିଲ୍ ମୋର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାଇଣ୍ଟିଫିକ୍ ଜର୍ନାଲ୍‌ରେ ପ୍ରକାଶିତ ହୋଇସାରିଛି। ତା'ଛଡ଼ା କରୋନା କାଳରେ ସରକାରଙ୍କ ତରଫରୁ ମୋତେ ରୋଗୀମାନଙ୍କର ସେବା କରିବାର ସୁଯୋଗ ଦିଆଯାଇଥିବାରୁ ବି ମୁଁ ଖୁବ୍ ଖୁସି ଅଛି। କାରଣ ରୋଗୀ ସେବା ହିଁ ମୋର ଧର୍ମ ଆଉ କର୍ମ।

# ମୁରୁକି ହସକୁ ଚୋରା ଚାହାଣୀ, ନିମିଷକେ ମନ ନେଇଛି କିଣି

**ପ୍ରଶ୍ନ**–ସେ ଯେତେବେଳେ ମୋତେ ପ୍ରଥମେ ଦେଖିଲା ମୁରୁକି ହସିଦେଲା। ତାହାର ସେହି ହସ ସତେଯେମିତି ମୋ ମନକୁ କିଣି ନେଇଛି। ତାକୁ ବିଶ୍ୱାସ କରି ଆଗେଇବା ଠିକ୍ ହେବ କି ?

*–ଉତ୍ତମ କୁମାର ରାଉତ, ସୋନପୁର*

**ଉତ୍ତର:** ପ୍ରେମରେ ସବୁଠାରୁ ବଡ କଥା ହେଲା ବିଶ୍ୱାସ। ସେହି ସୁନ୍ଦରୀର ମୁରୁକି ହସ ଆପଣଙ୍କୁ ଘାଇଲା କଲା, ଆଉ ଆପଣ ତା' ପ୍ରେମରେ ପଡିଗଲେ। 'ମୁରୁକି ହସକୁ ଚୋରା ଚାହାଣୀ, ନିମିଷକେ ମନ ନେଇଛି କିଣି।' ଯଦି ସେହି ସୁନ୍ଦରୀ ପ୍ରେମରେ ପଡିଛନ୍ତି ତେବେ ଏ ନେଇ ଉଭୟ ପଟରୁ ଗ୍ରୀନ୍ ସିଗନାଲ ରହିଛି ତ ? ଯଦି ଆପଣ ମନକୁ ମନ ତାକୁ ମନର ରାଣୀ କରି ଆଗେଇବାକୁ ଚାହୁଁଛନ୍ତି, ତେବେ କିଛି ଲାଭ ନାହିଁ। ପ୍ରଥମେ ସେ ଝିଅଟି ଆପଣଙ୍କୁ ଭଲ ପାଉଛି କି ନାହିଁ ତର୍ଜମା କରନ୍ତୁ। ତା'ପରେ ଆଗକୁ ଗୋଡ ବଢ଼ାନ୍ତୁ। ନ ହେଲେ ଅଧା ବାଟରେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ମୋତେ ଜଣେ ଝିଅ ମନ ପ୍ରାଣ ଦେଇ ଭଲ ପାଉଥିଲା। ହଠାତ୍ ସେ ମୋତେ ଧୋକା ଦେଇ ଚାଲିଗଲା। ହେଲେ ଏବେ ପୁଣି ଥରେ ମୋତେ ପ୍ରେମ ନିବେଦନ କରୁଛି। ମୁଁ କ'ଣ କରିବି ?

*–ପ୍ରଭାତ କୁମାର ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଆପଣ ଏମିତି ପରିସ୍ଥିତିରେ ପଡିଛନ୍ତି, ଯେମିତି ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ପ୍ରଶ୍ନରେ ଉଲ୍ଲେଖ କରିଛନ୍ତି ଯେ ସେ ଝିଅଟି ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଥିଲା, ହେଲେ ଅଧା ବାଟରେ ଆପଣଙ୍କୁ ଧୋକା ଦେଇ ଚାଲିଗଲା। ଏବେ ପୁଣି ଥରେ ଆପଣଙ୍କୁ ପ୍ରେମ ନିବେଦନ କରୁଛି। ବର୍ତ୍ତମାନ ଆପଣ କରିବେ କ'ଣ ? ସବୁଠାରୁ ବଡ କଥା ହେଲା, ଯଦି ଆପଣଙ୍କ ଭିତରେ ପ୍ରେମ ପୁରା ଦମ୍‌ରେ ଚାଲୁଥିଲା ତେବେ ସେ ଆପଣଙ୍କୁ ଧୋକା ଦେଲା କାହିଁକି ? ଯଦି ସେ ଝିଅ ଏଥିପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ତେବେ ପୁଣି ଥରେ ସେହି କାଦୁଅରେ ନ ପଶିବା ଭଲ। ଯଦି ସବୁ ଜାଣି ଶୁଣି ତାକୁ ପୁଣି ଥରେ ଆଦରି ନେଲେ ଆଉ ସେ ପୁଣି ଆପଣଙ୍କ ପିଞ୍ଜରାରୁ ଫୁର୍ କରି ଉଡିଗଲା, ତେବେ କଥାଟି 'ଆପଣା ହସ୍ତେ ଜିହ୍ୱା ଛେଦି କେ' ତା'ର ଅଛି ପ୍ରତିବାଦୀ। ବାସ୍, ସବୁ ଏବେ ଆପଣଙ୍କ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମ ଭଳି ମହାନ ଶବ୍ଦରେ ପ୍ରତାରଣା ଭଳି ଭାଇରସ ରହିଛି କାହିଁକି ?

*–ଅମନ, ପୁରୀ*

**ଉତ୍ତର:**ଏହାକୁ ଯେତେ ତର୍ଜମା କରିବ ତାହା ବୁଢ଼ିଆଣୀ ସୂତା ପରି ସେତେ ଲମ୍ବି ଲମ୍ବି ଚାଲିବ। ନିଜର ପ୍ରେମର ମୀନାରକୁ ଏପରି ଗଢ଼ନ୍ତୁ ଯେମିତି ତା' ଭିତରକୁ ପ୍ରତାରଣାର ଭାଇରସ ଏଣ୍ଟ୍ରି କରିପାରିବ ନାହିଁ। ପ୍ରେମରେ ପ୍ରତାରଣା ସେତିକିବେଳେ ଆସିଥାଏ ଯେତେବେଳେ ପ୍ରେମୀଯୁଗଳଙ୍କ ବିଶ୍ୱାସର ପ୍ରାଚୀର ଦୁର୍ବଳ ହୋଇ ଭୁଷୁଡି ପଡିଥାଏ। ବିଶ୍ୱାସ ଯେତେ ଦୃଢ଼ ହୁଏ ପ୍ରେମର ଅସଲ ମଜା ସେତେ ଅନୁଭବ କରିହୁଏ।

**ପ୍ରଶ୍ନ**–ମୋ ପ୍ରେମିକାକୁ ମୁଁ ବନ୍ଦନା କରିବାକୁ ଚାହୁଁଛି। ହେଲେ କେଉଁ ଉପାୟରେ ବନ୍ଦନା କଲେ ସେ ଖୁସି ହେବ ତାହା ଜାଣିପାରୁନାହିଁ।

*–ସନ୍ତୋଷ, ଅନୁଗୋଳ*

**ଉତ୍ତର:** ସବୁବେଳେ ଗୋଟିଏ କଥା ମନେ ରଖିବେ–ଅତି ଲେମ୍ବୁ ଚିପୁଡିଲେ ପିତା। ତେଣୁ ପ୍ରେମିକାକୁ ବନ୍ଦନା କରିବାକୁ ମନା ନାହିଁ। ହେଲେ ତାହା ଯଦି ସୀମା ଟପିଯାଏ ତେବେ ତାହାର ସ୍ୱାଦ ପିତା ହୋଇଯାଇପାରେ। ତେଣୁ ଏମିତି ବନ୍ଦନା କରନ୍ତୁ, ଯାହା ବେଶ୍ ସଂକ୍ଷିପ୍ତ ହୋଇଥିବ, ଆଉ ତାହାର କେଇ ଧାଡି ଶୁଣିବା ପରେ ପ୍ରେମିକା ମୁହଁରେ ହସର ବନ୍ୟା ଛୁଟୁଥିବ।



# ଡାଇଟିଂ ନୁହେଁ ଡାଏଟ୍

ସେଲିବ୍ରିଟି ସିକ୍ରେଟ୍





ଦୁର୍ଗା ନାମରେ ଘରେ ଘରେ ପରିଚିତା **ଅର୍ପିତା କର।** ଜଣେ ବଳିଷ୍ଠ ଅଭିନେତ୍ରୀ ହେବା ସହ ଦେଖିବାକୁ ସେ ବେଶ୍ ମଡର୍ନ ଓ ଷ୍ଟାଇଲିଶ୍। ତା'ସହ ସେ ବେଶ୍ ଫିଟ୍ ମଧ୍ୟ। ଆସନ୍ତୁ ଜାଣିବା ତାଙ୍କର କିଛି ଷ୍ଟାଇଲ୍ ଓ ଫିଟ୍‌ନେସ୍ ମନ୍ତ୍ର...

**ଭଲ ଲାଗେ ୱେଷ୍ଟର୍ନ ୱେର୍:** ଇଣ୍ଡିଆନ୍ ୱେର୍‌ରେ ମତେ ଶାଢ଼ି ଭଲ ଲାଗେ। ତେବେ ଇଣ୍ଡିଆନ୍ ଅପେକ୍ଷା ୱେଷ୍ଟର୍ନ ୱେର୍‌କୁ ମୁଁ ବେଶି ପ୍ରିଫର୍ କରେ। ୱେଷ୍ଟର୍ନ ୱେର୍‌ରେ ଜିନ୍ସ ଓ ଟି-ଶର୍ଟ ମୋର ବହୁତ ପସନ୍ଦ।

**ଜୁଏଲେରୀ କେତେ ପସନ୍ଦ:** ମୁଁ ବେଶି ଗହଣା ପ୍ରିୟ ନୁହେଁ। ବିବାହ ଭଳି ଅକେଜନ୍‌ରେ ସୁନାର ଗହଣା ପିନ୍ଧେ। ଆଉ ମଡର୍ନ ଆଉଟ୍‌ଫିଟ୍‌ରେ ପିନ୍ଧେ ମଡର୍ନ ତଥା କଣ୍ଟେମ୍ପରାରୀ ଜୁଏଲେରୀ।

**ପ୍ରିୟ ଫ୍ୟାଶନ୍ ଆସେସରୀ:** ମୋର ପ୍ରିୟ ଫ୍ୟାଶନ୍ ଆସେସରୀ ହେଉଛି ବ୍ରେସଲେଟ୍, ସନ୍‌ଗ୍ଲାସ୍, ସୁଜ୍ ଏବଂ ୱାଚ୍।

**ବର୍ଷାଦିନେ ପିନ୍ଧେ:** ବର୍ଷାଦିନେ ଫ୍ୟାଶନେବଲ୍ ଲାଗିବା ପାଇଁ ଜିନ୍ସ ସହ ସ୍ଲିପର୍‌ସ୍ ଓ ଫ୍ଲାଟ୍ସ ପେୟାର୍ କରେ।

**ପର୍ସରେ ରଖେ:** ମୁଁ ପର୍ସରେ ସବୁବେଳେ ସନ୍‌ସ୍କ୍ରିନ୍ ମଶ୍ଚରାଇଜର୍, ଲିପ୍‌ବାମ୍ ଓ ଲିପ୍‌ଷ୍ଟିକ୍ ରଖିଥାଏ।

**ବ୍ୟୁଟି ସିକ୍ରେଟ୍:** ପ୍ରଚୁର ପାଣି ପିଏ, ବ୍ୟାୟାମ କରେ, ଦିନକୁ ୭-୮ ଘଣ୍ଟା ଶୁଏ ଏବଂ ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରେ।

**ଫ୍ୟାଶନ୍ ଆଇକନ୍:** ମୋ ଫ୍ୟାଶନ୍ ଆଇକନ୍ ହେଉଛନ୍ତି ଜେନିଫର୍ ଲୋପେଜ୍। ଆଉ ଏଭର୍ ଗ୍ରୀନ୍ ଗର୍‌ଜିୟସ୍ ଲିଜେଣ୍ଡ୍ରୀ ଅଭିନେତ୍ରୀ ରେଖା ଜୀଙ୍କୁ ମୁଁ ଫଲୋ କରେ।

**ଛୁଟିଦିନରେ ଭଲ ପାଏ:** ଛୁଟିଦିନରେ ଏକ୍ସରସାଇଜ୍ ପାଇଁ ଛୁଟି ନ ଥାଏ। ବରଂ ଭଲରେ ଏକ୍ସରସାଇଜ୍ କରିହୁଏ। ତା'ଛଡା ମତେ ବୁଲିବାକୁ ବହୁତ ଭଲ ଲାଗେ। ତେଣୁ ଛୁଟିଦିନ ମାନେ ବୁଲାବୁଲି ହୁଏ। ବୁଲାବୁଲି ସହ ଖାଇବା ବି ହୁଏ।

## ବ୍ୟାୟାମ ପାଇଁ ଅଧଘଣ୍ଟା

ଫିଟ୍ ରହିବା ପାଇଁ ମୁଁ ପ୍ରତିଦିନ ପ୍ରାୟ ୩୦ ମିନିଟ୍ ବ୍ୟାୟାମ କରେ। ମୋର ଫିଟ୍‌ନେସ୍ ଆଇକନ୍ ହେଉଛନ୍ତି ହଲିଉଡ ଗାୟିକା ଜେନିଫର୍ ଲୋପେଜ୍। ମା' ହେବାପରେ ଫିଟ୍ ରହିବା ପାଇଁ ମଧ୍ୟ ବ୍ୟାୟାମ ସହ ଉପଯୁକ୍ତ ଡାଏଟ୍ ଗ୍ରହଣ କରୁଥିଲି। ହେଲେ କେବେ ଡାଏଟିଂ କରିନି। ମୁଁ ଡାଏଟିଂରେ ବିଶ୍ୱାସ ରଖେନି। ପ୍ରତି ଦୁଇ ଘଣ୍ଟାକୁ ଥରେ ଖାଏ। ଆଉ ତେଲ ମସଲାଠୁ ଦୂରେଇ ରହେ। ମୋର ପ୍ରିୟ ଖାଦ୍ୟ ହେଉଛି ବିରିୟାନୀ।



ଜୈନା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ରେସପନ୍‌ସିବଲ୍

ମା' ପୁଅକୁ– କେତେ କହୁଛି ରେସପନ୍‌ସିବଲ୍ ହେବା ଶିଖେ। ସନ୍ଧ୍ୟା ହେଲାମାନେ ଘରକୁ ପଳେଇ ଆସ୍। ହେଲେ ନା ତୋ ଦ୍ୱାରା ହେଲାନି। ତୋ'ଠୁ ତ ବେଶି ମଶାମାନେ ରେସପନସିବଲ୍ ।

ପୁଅ– ମା', ମଶା କେମିତି ରେସ୍‌ପନସିବଲ୍ ?

ମା'– ସନ୍ଧ୍ୟା ହେଉ ହେଉ ତ ସେମାନେ ଘରକୁ ଚାଲିଆସୁଛନ୍ତି ନା।

## କଷ୍ଟମର୍

ଟ୍ୟୁଶନ୍ ସାର୍ ସଞ୍ଜୁକୁ– ହଇରେ ଗଧ, ଆଜିବି ହୋମ୍‌ୱାର୍କ କରିନୁ। 

ସଞ୍ଜୁ– ସାର୍, ଟିକେ ଭଦ୍ରାମିରେ କଥାବାର୍ତ୍ତା କରନ୍ତୁ। କଷ୍ଟମର୍‌ଙ୍କ ସହ କ'ଣ ଏମିତି କଥାବାର୍ତ୍ତା କରାଯାଏ ?

ଏହାପରେ ସାର୍ ଆରମ୍ଭ କରିଦେଲେ ମାଡ଼ ବର୍ଷା...


## ପତଳା ଝାଡ଼ା

ଡାକ୍ତରଙ୍କୁ ରୋଗୀ– ଆଜ୍ଞା ମୋର ପତଳା ଝାଡ଼ା ହେଉଛି।

ଡାକ୍ତର– କେତେ ପତଳା ହେଉଛି ?

ରୋଗୀ– ଏତେ ପତଳା ଯେ, ଆପଣ ସେଥିରେ କୁଲୁକୁଚା କରିପାରିବେ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ: କୁମାର ଶରତ, ଧରିତ୍ରୀ





ଦେବ ଦେବ ମହାଦେବଙ୍କର ମହିମା ଅପାର। ପୂରାଣ ଶାସ୍ତ୍ର ଅନୁଯାୟୀ, ନିଷ୍ଠାର ସହ ପ୍ରଭୁଙ୍କୁ ସ୍ମରଣ କଲେ ଭକ୍ତଙ୍କର ସବୁ ଇଚ୍ଛା ପୂରଣ ହୋଇଥାଏ। ଏପରିକି ଶିବମନ୍ଦିରକୁ ଯାଇ ତାଙ୍କୁ ଦର୍ଶନ କରିବା ମାତ୍ରେ ଦେହମନ ପବିତ୍ର ହୋଇଉଠେ। ବିଶେଷ କରି ଶ୍ରାବଣ ମାସରେ ପ୍ରଭୁଙ୍କୁ ଦର୍ଶନ କଲେ କୋଟି ଜନ୍ମର ପାପ କ୍ଷୟ ହୋଇଯାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏହି ମାସରେ ଶୈବପୀଠଗୁଡ଼ିକରେ ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ। ତେବେ ଏଥରର ଏହି ଆଲେଖ୍ୟରେ ସେମିତି କେତୋଟି ପ୍ରମୁଖ ଶୈବପୀଠ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ବୁଲିଯାଇ ଭକ୍ତଗଣ ପ୍ରଭୁଙ୍କର ଅପାର କରୁଣା ଲଭି ପାରିବେ...

# ଭାବ ଭକ୍ତିରେ ଛନ୍ଦା
# ଶୈବପୀଠ

**✲ କେଦାରନାଥ ମନ୍ଦିର:** ଉତ୍ତରାଖଣ୍ଡର ମନ୍ଦାକିନୀ ନଦୀ ନିକଟସ୍ଥ ଗଡ଼ୱାଲ୍ ହିମାଳୟ ଶୃଙ୍ଖଳାର ପ୍ରାୟ ୩,୫୮୩ ମିଟର ଉଚ୍ଚତାରେ ଅବସ୍ଥିତ ଏହି କେଦାରନାଥ ମନ୍ଦିରଟି ଭାରତରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ଏହା ଆମ ଦେଶର ଏକ ଲୋକପ୍ରିୟ ଶୈବପୀଠ ; ଯେଉଁଠାରେ ଯାତ୍ରୀମାନଙ୍କର ବେଶି ଭିଡ଼ ଦେଖିବାକୁ ମିଳିଥାଏ। ସୂଚନାନୁଯାୟୀ, ଏଠାରେ ଶୀତଦିନେ କୁଆଡ଼େ ପ୍ରଚୁର ତୁଷାରପାତ ହୋଇଥାଏ। ଖାସ୍ ସେହି କାରଣ ଯୋଗୁ ଏପ୍ରିଲ୍ ମାସର ଶେଷରୁ ନଭେମ୍ବର ମାସର ଅଧା ଯାଏ ଏହି ପବିତ୍ର ପୀଠଟି ଭକ୍ତଙ୍କ ପାଇଁ ଖୋଲା ରହିଥାଏ। କୁହାଯାଏ, ଏହି ମନ୍ଦିରକୁ ଯାତ୍ରା କଲେ କୁଆଡ଼େ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ମିଳିଥାଏ।

**✲ମହାକାଳେଶ୍ୱର ମନ୍ଦିର:** ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ଅବସ୍ଥିତ ଏହି ଶୈବପୀଠଟି ମଧ୍ୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। କୁହାଯାଏ, ଏଠାରେ ପୂଜା ପାଉଥିବା ପ୍ରଭୁ ସ୍ୱୟଂଭୁ, ଆଉ ତାଙ୍କର ମୁଖ ଦକ୍ଷିଣ ଦିଗକୁ ରହିଥିବାରୁ ତାଙ୍କୁ ଦକ୍ଷିଣାମୂର୍ତ୍ତି ବି କୁହାଯାଇଥାଏ। ତେବେ ଏଠାରେ ହେଉଥିବା ଭସ୍ମ ଆଳତି ସବୁଠୁ ଲୋକପ୍ରିୟ। କୁହାଯାଏ, ଏହି ଭସ୍ମରେ ପ୍ରଭୁଙ୍କର ଅପୂର୍ବ ଶୃଙ୍ଗାର ହୋଇଥାଏ, ଯାହା ଖୁବ୍ ମନଛୁଆଁ ଲାଗିଥାଏ।

**✲ କାଶୀ ବିଶ୍ୱନାଥ:** ବାରାଣସୀରେ ଅବସ୍ଥିତ କାଶୀବିଶ୍ୱନାଥ ବି ହେଉଛନ୍ତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। କୁହାଯାଏ, ଭକ୍ତିଭାବ ସହକାରେ ତାଙ୍କୁ ପୂଜିଲେ ସକଳ ଇଚ୍ଛା ପୂର୍ଣ୍ଣ ହୋଇଥାଏ। ସେହିପରି କଥିତ ଅଛି ଯେ, ଯେଉଁ ବ୍ୟକ୍ତିଙ୍କର ମୃତ୍ୟୁ ଏହି ପବିତ୍ର ଧାମରେ ହୋଇଥାଏ, ତାଙ୍କୁ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ମିଳିଥାଏ।


**✲ତ୍ର୍ୟମ୍ବକେଶ୍ୱର ମନ୍ଦିର:** ନାସିକ୍‌ଠାରୁ ପ୍ରାୟ ୨୮ କିମି ଦୂରରେ ଥିବା ଏହି ପବିତ୍ର ପୀଠଟି ବି ହେଉଛି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ସୂଚନାନୁଯାୟୀ, ଏହି ପବିତ୍ର ମନ୍ଦିରର ନିର୍ମାଣ ପେଶ୍‌ୱା ବାଲାଜୀ ବାଜି ରାଓଙ୍କ ଦ୍ୱାରା କରାଯାଇଥିଲା। ଏଠାରେ ପୂଜା ପାଉଥିବା ଭଗବାନ ଖୁବ୍ ପ୍ରତ୍ୟକ୍ଷ ବୋଲି ଜନମତ ରହିଛି।


**✲ଅମରନାଥ ଗୁମ୍ଫା:** ଜମ୍ମୁ-କଶ୍ମୀରରେ ଅବସ୍ଥିତ ଅମରନାଥ ଗୁମ୍ଫା ଏକ ପବିତ୍ର ହିନ୍ଦୁ ତୀର୍ଥସ୍ଥଳୀ ଭାବେ ଜଣାଶୁଣା। ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ଏଠାକୁ ଆସି ବରଫଯୁକ୍ତ ଶିବଲିଙ୍ଗ ଦର୍ଶନ କରି ଅପାର କରୁଣା ଲଭିଥାନ୍ତି। ପୌରାଣିକ କଥାବସ୍ତୁ ଅନୁସାରେ, ଭଗବାନ ଶିବ ମାତା ପାର୍ବତୀଙ୍କୁ କୁଆଡ଼େ ଏହି ଗୁମ୍ଫାରେ ଅମର କଥା କାହାଣୀ ଶୁଣାଇଥିଲେ। ମାନ୍ୟତା ଅଛି ଯେ, ଏଠାରେ କୁଆଡ଼େ କପୋତଙ୍କର ଗୋଟିଏ ଯୋଡ଼ା ସବୁବେଳେ ଦେଖିବାକୁ ମିଳିଥାଏ। ସେମାନଙ୍କୁ ଅମର ପକ୍ଷୀ ବି କୁହାଯାଇଥାଏ, କାରଣ ସେମାନେ କୁଆଡ଼େ ଅମର କଥା ଶୁଣି ଅମର ହୋଇଯାଇଛନ୍ତି ବୋଲି ଲୋକବିଶ୍ୱାସ ରହିଛି।


**✲ରାମନାଥସ୍ୱାମୀ ମନ୍ଦିର:** ତାମିଲନାଡୁର ରାମେଶ୍ୱରମ୍‌ରେ ସ୍ଥାପିତ ରାମନାଥସ୍ୱାମୀ ମନ୍ଦିର ବି ହେଉଛି ଏକ ପବିତ୍ର ଶୈବପୀଠ ଏବଂ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ପୁରାଣଶାସ୍ତ୍ର ଅନୁଯାୟୀ, ଏହି ମନ୍ଦିରଟି ସେହି ସ୍ଥାନରେ ନିର୍ମିତ ହୋଇଛି, ଯେଉଁଠାରେ ଭଗବାନ ରାମ ରାବଣକୁ ବଧ କରିବା ପରେ ପାପମୁକ୍ତ ହେବା ପାଇଁ ଭଗବାନ ଶିବଙ୍କୁ ପୂଜା କରିଥିଲେ।

ତେବେ କେବଳ ଏତିକି ଶୈବପୀଠ ନୁହେଁ, ଭାରତରେ ଆହୁରି ଅନେକ ଶୈବପୀଠ ରହିଛି, ଯେଉଁଠାକୁ ଭକ୍ତଗଣ ବୁଲିଯାଇ ପ୍ରଭୁଙ୍କୁ ଦର୍ଶନ କରି ତାଙ୍କର ଅପାର କରୁଣା ଲଭିବା ସହ ଜୀବନ ଧନ୍ୟ କରିପାରିବେ।











# କେନ୍ ଖୋଲି ଶୁଆର ରେକର୍ଡ



**ଶୁ**ଆ ଅନୁକରଣ କରି କଥା କହି ସମସ୍ତଙ୍କ ମନ ମୋହିଥାଏ। ତେବେ ଏମିତି ଏକ ଶୁଆ ଅଛି ଯେକି କୋଲ୍ଡ ଡ୍ରିଙ୍କ କେନ୍ ଖୋଲି ସମସ୍ତଙ୍କୁ ଚକିତ କରିଛି। ସେ ପୁଣି ଗୋଟିଏ କି ଦୁଇଟି ନୁହେଁ, ଏକ ମିନିଟ୍‌ରେ ୩୫ଟି କେନ୍ ଖୋଲି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିବା ସହ ରେକର୍ଡ କରିଛି। ୨୦୧୨ ଜାନୁୟାରୀ ୧୨ରେ ଜାକ୍ ନାମକ ଏହି ମାକାଓ ଶୁଆ ଆମେରିକାର ସାନଜୋଶ୍‌ରେ ଏକ ମିନିଟ୍‌ରେ ୩୫ଟି କେନ୍ ଖୋଲି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା। ସେ କେବଳ ଯେ, କେନ୍ ଖୋଲିପାରେ ତାହା ନୁହେଁ, ବାସ୍କେଟ୍ ବଲ୍ ବି ଖେଳିପାରେ। ତା' ପାଇଁ ତିଆରି ଏକ ଛୋଟ ବଲ୍‌କୁ ସେ ବେଶ୍ କୁଶଳତାର ସହ ଛୋଟିଆ ନେଟ୍‌ରେ ପକାଇପାରେ। ତେଣୁ ସେ ଅନେକଙ୍କର ପ୍ରିୟ ପାଲଟିଛି।

# ଅଜା ଆଈ ହେଲେ ବରକନିଆ, ନାତି ନାତୁଣୀ ସାଜିଲେ ବରଯାତ୍ରୀ

**ଉ**ତ୍ତରପ୍ରଦେଶ ଆମେଠିରେ ଏକ ବିବାହ ନିକଟରେ ବେଶ୍ ଚର୍ଚ୍ଚାରେ ଥିଲା। ଏଠାରେ ଏକ ଦମ୍ପତି ୨୮ ବର୍ଷ ପର୍ଯ୍ୟନ୍ତ ବିନା ବିବାହରେ ଏକାଠି ରହିବା ପରେ ବିବାହ କରିଥିଲେ। ଏଥିରେ ତାଙ୍କ ଝିଅ, ନାତି ନାତୁଣୀ, ସମ୍ପର୍କୀୟ, ଗାଁ ଲୋକ ସମସ୍ତେ ବେଶ୍ ଖୁସିରେ ଯୋଗ ଦେଇଥିଲେ। ଆମେଠିର ଖୁଟହନା ଗ୍ରାମର ୬୫ ବର୍ଷୀୟ ମୋତିଲାଲ ୬୦ ବର୍ଷୀୟା ମୋହିନୀଙ୍କୁ ବିବାହ କରିଥିଲେ। ବିବାହ ପାଇଁ ମୋତିଲାଲ କାର୍ଡ ବି ଛପେଇଥିଲେ। ଭୋଜି ସହ ଢୋଲର ତାଳେ ତାଳେ ଜମେଇକି ନାଚଗୀତ ବି ହୋଇଥିଲା। ମୋତିଲାଲ ଓ ମୋହିନୀ ସାତଫେରା ନେଇ ତାଙ୍କ ସମ୍ପର୍କକୁ ଧାର୍ମିକ ମାନ୍ୟତା ଦେଇଥିଲେ। ମୋତିଲାଲ କହନ୍ତି, ୨୮ ବର୍ଷ ପୂର୍ବେ ମୋହିନୀଙ୍କୁ ମୁଁ ନେଇ ଚାଲି ଆସିଥିଲି। ଦୁହେଁ ଏକାଠି ସ୍ୱାମୀ ସ୍ତ୍ରୀ ଭଳି ରହିଲୁ। ହେଲେ ବିବାହ କରି ନ ଥିଲୁ। ଏହା ଭିତରେ ପିଲା ବି ହେଲେ। ଆଉ ବିବାହ କଲୁନି। ପିଲାମାନେ ବଡ଼ ହେବା ସହ କାଳେ ସେମାନଙ୍କ ବିବାହରେ କିଛି ସମସ୍ୟା ଆସିବ ସେଥିପାଇଁ ଆମେ ବିବାହ ନ କରି ରହିଗଲୁ। ଝିଅଙ୍କ ବିବାହ ପରେ ଭାବିଲି ଏବେ ଆମ ସମ୍ପର୍କକୁ ଧାର୍ମିକ ମାନ୍ୟତା ଦେବାର ସମୟ ଆସିଯାଇଛି। ବିବାହ ସମ୍ପନ୍ନ କରାଇଥିବା ପଣ୍ଡିତ କହନ୍ତି, ବିନା ବିବାହରେ ଜନ୍ମ ହୋଇଥିବା ସନ୍ତାନ ମାତା ପିତାଙ୍କୁ ଶ୍ରାଦ୍ଧ ଓ ତର୍ପଣ ଦେଇପାରିବେ ନାହିଁ। ତେଣୁ ଦୁହେଁ ଏ ବୟସରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ସମାଜ ତାଙ୍କ ସମ୍ପର୍କକୁ ସ୍ୱୀକୃତି ଦେଇଥିବାରୁ ସେମାନେ ବେଶ୍ ଖୁସି।



## କାର୍ଟୁନ କର୍ନର



ଏବେ ବଦଳିଛି ରାଖୀର ସ୍ୱରୂପ। ଆଗରୁ ମିଳୁଥିବା ରାଖୀ ବଦଳରେ ଏବେ ଲୋକଙ୍କୁ ବେଶି ଆକୃଷ୍ଟ କରୁଛି ଇକୋ ଫ୍ରେଣ୍ଡଲୀ ରାଖୀ...




# ଇକୋଫ୍ରେଣ୍ଡଲି ରାଖୀ

**ଭା**ଇର ମଙ୍ଗଳକାମନା ମନାସି ଭଉଣୀ ଭାଇ ହାତରେ ବାନ୍ଧିଥାଏ ସ୍ନେହର ରାଖୀ । ଏହି ରାଖୀ ଦେଖିବାକୁ ଆକର୍ଷଣୀୟ ହେବା ସହିତ ଦାମ୍ ବି ସେମିତି ଅଧିକ। କିନ୍ତୁ ଏବେ ରୁଚି ବଦଳିଛି। ଏହି ପାରମ୍ପରିକ ରାଖୀ ଅପେକ୍ଷା ଇକୋ ଫ୍ରେଣ୍ଡଲୀ ରାଖୀର ଚାହିଦା ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ଆବଶ୍ୟକ କଞ୍ଚାମାଲ ସଂଗ୍ରହକରି ତିଆରି କରିଛନ୍ତି ସୁନ୍ଦର ସୁନ୍ଦର ରାଖୀ। ବିଭିନ୍ନ ପ୍ରକାର ଶସ୍ୟ ଯଥା -ଧାନ, ମୁଗ,ବିରି ଓ କୋଳଥ ଆଦିରେ ତିଆରି ରାଖୀ ଖୁବ୍ ମନଲୋଭା ହୋଇପାରିଛି। ସେହିପରି ମାଟି, କାଗଜ ଓ ସବାଇ ଘାସରେ ପ୍ରସ୍ତୁତ ରାଖୀ ଖୁବ୍ ଆକର୍ଷଣୀୟ। ଓରମାସ ଜରିଆରେ ଆୟୋଜିତ ମେଳା ଓ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାର ମହିଳା ମାନଙ୍କ ଦ୍ୱାରା ତିଆରି ରାଖୀକୁ ବିକ୍ରି କରାଯିବାର ପଦକ୍ଷେପ ନିଆଯାଇଛି। ତେବେ କୋରାପୁଟ ଜିଲାର କୋଟପାଡ ଅଞ୍ଚଳର ଆଶା ନାୟକ କୁହନ୍ତି , ଆମ ପରିବାରର ୪ଜଣ ସଦସ୍ୟ ଚଳିତବର୍ଷ ବିଭିନ୍ନ ପ୍ରକାରର ଧାନରେ ରାଖୀ ତିଆରି କରିଛୁ। କିନ୍ତୁ ଏମିତି ଶସ୍ୟରେ ରାଖୀ ତିଆରି ପାଇଁ ପ୍ରଥମେ ଧାନକୁ ହଳଦୀ କିମ୍ବା ଆବଶ୍ୟକ ଅନ୍ୟ ପ୍ରକାରର ରଙ୍ଗ ଦେଇଥାଉ। କିଛି ସମୟ ଖରାରେ ଏହି ରଙ୍ଗଦିଆ ଧାନକୁ ଶୁଖାଯାଇଥାଏ। ଏହାପରେ ସୂତା ଓ ଅଠାକୁ ବ୍ୟବହାର କରି ସୁନ୍ଦର ସୁନ୍ଦର ରାଖୀ ତିଆରି ହୋଇଥାଏ । ଏବେ ପ୍ରାୟ ୪ଶହ ରାଖୀ ତିଆରି କରାଯାଇଛି । ଗୋଟିଏ ଗୋଟିଏ ରାଖୀର ମୂଲ୍ୟ ପ୍ରାୟ୨୦ଟଙ୍କାରୁ ଆରମ୍ଭକରି ୭୦ଟଙ୍କା ମଧ୍ୟରେ ବିକ୍ରି କରାଯାଇଥାଏ। ସେହିପରି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ କଣିଆ ଗାଁର ଦେବୀପ୍ରସନ୍ନ ମହାନ୍ତି କୁହନ୍ତି ଚଳିତବର୍ଷ ନଡିଆ ଷଢେଇକୁ ବିଭିନ୍ନ ସାଇଜରେ କାଟିଥାଏ। ଲାଖଅଠା ଓ ବିଭିନ୍ନ ରଙ୍ଗ ଦେଇ ସୁନ୍ଦର ସୁନ୍ଦର ରାଖୀ ତିଆରି କରିଥାଏ। ଗୋଟିଏ ଲେଖାଏଁ ରାଖୀର ମୂଲ୍ୟ ପ୍ରାୟ୫୦ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓରମାସ ତରଫରୁ ଏମିତି ରାଖୀଗୁଡ଼ିକୁ ବିକ୍ରି ପାଇଁ ଭୁବନେଶ୍ୱର ୟୁନିଟ-୮ ସ୍ଥିତ ଏସଆଇଆରଡି କ୍ୟାମ୍ପସ ସମ୍ମୁଖରେ ରାଖୀ ଷ୍ଟଲ ଖୋଲାଯାଇଛି।



କଥା ଚାଟ୍

# ବୃଷଭ ବିଚାର



**ଆ**ଜି ଆମ ଏରିଆର ଷଣ୍ଢମାନଙ୍କ ଏକ ମିଟିଂ ବସିଥିଲା । ବୁଲା ଫାଙ୍କାରେ ବୁଲୁଥିବା ଷଣ୍ଢମାନଙ୍କ ଚିନ୍ତାର କାରଣ ହେଲା ଆସନ୍ତା ରାଖୀ ପୂନେଇଁ । ଷଣ୍ଢଙ୍କ ସର୍ଦ୍ଦାର କହିଲା ଆମେ ହେଲୁ ଜାତିରେ ଷଣ୍ଢ । ନା ଆମର ଅଛି ପରିବାର ଚିନ୍ତା ନା ସଂସାର ଚିନ୍ତା । ସାରା ପୃଥିବୀଟା ଆମ ପାଇଁ ଗାଈମୟ। ସମ୍ପର୍କ ଭିତରେ ବାନ୍ଧି ନ ହେବା ପାଇଁ ଆମେ ଷଣ୍ଢ ଜନ୍ମ ପାଇଛୁ । କିନ୍ତୁ ଗତ ରାଖୀ ପୂର୍ଣ୍ଣିମାରେ ଗାଈମାନେ ଯେଉଁ ଉତ୍ପାତ କଲେ ସେ ବିଷୟରେ ଆଉ ଅଧିକ କହି ଆପଣମାନଙ୍କ ବହୁ ମୂଲ୍ୟ ସମୟ ନଷ୍ଟ କରିବିନି । କେବଳ ଏତିକି କହିବି ରାଖୀ ପୂର୍ଣିମାକୁ ଆଉ ଦୁଇ ତିନିଦିନ ବାକି ରହିଲା । ତା' ପୂର୍ବରୁ ଆମକୁ କିଛି କରିବାକୁ ପଡ଼ିବ । ନଚେତ ମୋ ଭଳି ଅବସ୍ଥା ସମସ୍ତଙ୍କର ହେବ । ଗତବର୍ଷ କେବଳ ମୋ ହାତରେ ଅଧ ସେଞ୍ଚୁରିରୁ ଅଧିକ ରାଖୀ ବନ୍ଧାହୋଇଥିଲା । ମୋ ଜାଣିବାରେ ଆମ ଏରିଆରେ ଏତେ ଗାଈ ନାହାନ୍ତି, ଯେତିକି ସେଦିନ ମୋ ହାତରେ ରାଖୀ ବନ୍ଧାହୋଇଥିଲା । ଖାସ୍ ସେଇଥିପାଇଁ, ବର୍ଷେ ହେଲାଣି ମୁଁ କିଭଳି ବ୍ରହ୍ମଚର୍ଯ୍ୟ ପାଳନ କରି ଜୀବନ ବିତଉଛି ତାହା କେବଳ ମୁଁ ଜାଣେ । ଯୁଆଡ଼େ ଦେଖ ସିଆଡ଼େ ମୋତେ ଖାଲି ଭଉଣୀ ଭଉଣୀ ନଜର ଆସୁଛନ୍ତି । କ'ଣ ଏଇଥିପାଇଁ ଷଣ୍ଢ ଜନମ ପାଇଥିଲି ? ଧିକ୍ ମୋ ଷଣ୍ଢ ପଣିଆକୁ । ଆଉ ଗୋଟେ ବୟସ୍କ ଷଣ୍ଢ କହିଲା, ଆମେ ଅହେତୁକ ପୌରୁଷପଣିଆ ଦେଖେଇବାକୁ ଯାଇ ରାସ୍ତା ଘାଟ, ଦିନ ରାତି କିଛି ମାନୁନୁ। ଆମକୁ ଟିକେ ସଂଯମ ରକ୍ଷାକରିବା ଉଚିତ । ଆମେ ନିଜର ବଳ କଷାକଷି ପାଇଁ ବିଚ୍ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଲଢ଼େଇ କରି ଯେତିକି ସମୟ ନଷ୍ଟ କରୁଛୁ, ତାକୁ ଗାଈଙ୍କ ସୁରକ୍ଷା ପାଇଁ ଖର୍ଚ୍ଚ କଲେ ସେମାନେ ମଧ ଆମ ପ୍ରତି କୃତଜ୍ଞ ରୁହନ୍ତେ । ସହଜେ ଏବେ କରୋନା ଯୋଗୁ ଗୋ ପାଳକଙ୍କ ଅବସ୍ଥା ଅସମ୍ଭାଳ । ଗୁହାଳେ ବାନ୍ଧି ଖାଇବାକୁ ଦେବାକୁ ସେମାନଙ୍କ ପାଖରେ ଆଉ ଧନ ନାହିଁ । ସକାଳୁ ଗାଈଙ୍କୁ ବାହାରେ ଛାଡ଼ି ଦେଉଛନ୍ତି । ଆମ ଭୟରେ ଗାଈମାନେ ପରିବା ମାର୍କେଟ, ମନ୍ଦିର କି ଘାସପଡ଼ିଆ ପାଖ ମାଡୁନାହାନ୍ତି । ରାସ୍ତାଯାକ ବୁଲି ବୁଲି ଛିଣ୍ଡା ଜରି, ପୁରୁଣା ଔଷଧ, ଘର ଅଇଁଠା ଖାଇ ସେମାନଙ୍କ ଡଉଲ ଡାଉଲ ଚେହେରା ହାଡୁଆ ଦେଖାଗଲାଣି। ଫି ବର୍ଷ ସେମାନେ ଗର୍ଭବତୀ ହେବା ଦ୍ୱାରା ଭରାଯବାନୀରେ ବୁଢ଼ୀ ଭଳି ଦେଖାଯାଉଛନ୍ତି । ଆମର ସେଥିପ୍ରତି ନିଘା ନାହିଁ । କିଛି ଯୁବ ଷଣ୍ଢ ଯେଉଁଠି ଯେତେବେଳେ ଯାହାକୁ ପାଇଲେ.... ଛିଃ ...। ଆମ ବେଳେ କିନ୍ତୁ ଆମେ ଏତେ ଉତ୍ପାତିଆ ହେଉ ନ ଥିଲୁ । ଆମ ସମୟରେ ଏ ଏରିଆର ଗାଈମାନଙ୍କ ସୁନ୍ଦରତା ଯୋଗୁ ଆଖପାଖ ଏରିଆର ଷଣ୍ଢ ଆମ ସୀମା ସରହଦ ଭିତରକୁ ଲୁଚିଛପି ଆସୁଥିଲେ । ଆଜି ଯଦି ଅତିଷ୍ଠ ଗାଈମାନେ ଆମକୁ ରାଖୀ ବାନ୍ଧିବାକୁ ଯୋଜନା କରୁଛନ୍ତି ସେଥିପାଇଁ କେବଳ ଆମ ଭିତରେ ଥିବା କିଛି ଉଚ୍ଛୃଙ୍ଖଳ ଯୁବ ଷଣ୍ଢମାନେ ହିଁ ଦାୟୀ । ସର୍ଦ୍ଦାର କହିଲା ଦାଦା ସବୁ ଠିକ୍ ଯେ, ହେଲେ ଏବେ କରାଯିବ କ'ଣ ? ସ୍କୁଲ ପାଖରେ ବୁଲି ବୁଲି ପିଲାଙ୍କ ଅଲକ୍ଷ୍ୟରେ ସେମାନଙ୍କ ବହି ଖାତା ଖାଇ ନିଜକୁ ବୁଦ୍ଧିଆ ବୋଲାଉଥିବା ଷଣ୍ଢ କହିଲା, ଆମେ ଯଦି ରାଖୀ ପୂର୍ଣ୍ଣିମା ଦିନ କୁଆଡ଼େ ଅଦୃଶ୍ୟ ହୋଇଯାଆନ୍ତେ ତେବେ ଗୋଟେ ଚିନ୍ତା ଯାଆନ୍ତା । କିନ୍ତୁ ପ୍ରଶ୍ନ ହେଲା ଅଦୃଶ୍ୟ ହେବେ କେମିତି ! ଜଣେ କହିଲା ଚାଲ ଆମେ ମ୍ୟୁନିସିପାଲିଟି ବାଲାଙ୍କୁ କହିବା ସେମାନେ ଯେମିତି ଆମକୁ ଦଶହରା ପୂର୍ବରୁ ନେଇ ସହରଠୁ କୋଡ଼ିଏ ତିରିଶ କିଲୋମିଟର ଦୂରରେ ଛାଡ଼ି ଦିଅନ୍ତି ଓ ଆମେ ସେଠୁ ଚାଲି ଚାଲି ପୁଣି ସହରରେ ପହଞ୍ଚିଲା ବେଳକୁ ଦଶହରା ସରିଯାଇଥାଏ, ସେମିତି ଆମକୁ ରାଖୀ ପୂର୍ଣ୍ଣିମା ପୂର୍ବରୁ ନେଇ ଦୂରରେ ଛାଡ଼ିଦେବେ, ଆମେ ସେଠାରୁ ଫେରୁ ଫେରୁ ରାଖୀ ପୂର୍ଣ୍ଣିମା ସରିଯାଇଥିବ । ସମସ୍ତଙ୍କ ମନକୁ କଥାଟା ପାଇଲା ।

ଜଣେ ଷଣ୍ଢ ମ୍ୟୁନିସିପାଲିଟି ବାଲାଙ୍କୁ ଫୋନକରି କହିଲା ଆଜ୍ଞା ! ଆମକୁ ଦଶହରା ସମୟରେ ଯେମିତି ଧରି ସହର ବାହାରେ ଛାଡିଦିଅନ୍ତି ସେମିତି ଏବେ ଆମକୁ ନେଇଯାଆନ୍ତୁ । ସେପଟୁ ମ୍ୟୁନିସିପାଲିଟି ଅଧିକାରୀ କହିଲେ, ସେମିତି କେମିତି ହେବ ? ଆମ ବଜେଟ୍‌ରେ କେବଳ ଦଶହରା ପୂର୍ବରୁ ରାସ୍ତା, ଷ୍ଟ୍ରିଟ୍ ଲାଇଟ ମରାମତି ଓ ଷଣ୍ଢ ଧରିବା ପାଇଁ ଟଙ୍କା ଅଛି। ଏ ଅବେଳରେ ଷଣ୍ଢଧରିବା ପାଇଁ ଆମ ବଜେଟ୍‌ରେ ଫଣ୍ଡ ନାହିଁ । ତୁମେ ଏବେ ଆରାମରେ ବୁଲାବୁଲି କର, ଦଶହରା ପୂର୍ବରୁ ଦେଖିବା କହି ଫୋନ ରଖିଦେଲେ । କିଛି ସମୟ ପରେ ଆଉ ଗୋଟେ ଷଣ୍ଢ ଫୋନ କଲା ଆଜ୍ଞା ! ମୁଁ ବହୁତ ମାରଣା ଷଣ୍ଢ ବୋଲି ଏ ଏରିଆରେ ଖ୍ୟାତି ଅଛି । ଆଜି ସକାଳୁ ଜଣଙ୍କୁ ମୋ ମୁନିଆ ଶିଙ୍ଗରେ ଭୁସି ଅଧାମରା କରିଛି, ତେଣୁ ମୋତେ ଶୀଘ୍ର ଧରି କାଞ୍ଜିଆହୁଦାରେ ଛାଡ଼ି ଦିଆଯାଉ । ସେପଟୁ ଅଧିକାରୀ କହିଲେ, ଏଥିରେ ତୁମର କ'ଣ ଭୁଲ୍ ରହିଲା । ସେ ଲୋକଟା କ'ଣ ଅନ୍ଧ ? ଜାଣିଶୁଣି ମାରଣା ଷଣ୍ଢ ପାଖକୁ କାହିଁକି ଯାଉଥିଲା ? ଏମିତିରେ କେଉଁ ନିୟମ ଅଛି ତୁମକୁ ନେଇ ଜେଲରେ ରଖିବା ପାଇଁ ? ବରଂ ସେ ଲୋକ ଯଦି ଆହତ ହୋଇଛି ତାଙ୍କ ପାଇଁ ଆମର କ୍ଷତିପୂରଣ ବ୍ୟବସ୍ଥା ଅଛି । ଆମେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଫଣ୍ଡରୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରିଦେବୁ । ସବୁ ପ୍ରକାର ବାହାନା ଫେଲ୍ ହେବା ପରେ ଶେଷରେ ବୁଦ୍ଧିଆ ଷଣ୍ଢ ଫୋନ କଲା ଆଜ୍ଞା ! ଦୁଇ ଦିନ ହେଲାଣି ମୋର ତରଳ ଝାଡା ସାଙ୍ଗକୁ ଦେହରେ ଭୀଷଣ ଜ୍ୱର । ପ୍ରବଳ ଥଣ୍ଡାରୁ ନାକରୁ ଫେଣ ବାହାରୁଛି । ନିଃଶ୍ୱାସ ନେବାରେ କଷ୍ଟ ହେଉଛି । ଲାଗୁଛି ମୋତେ କରୋନା ହୋଇଛି । ଶୀଘ୍ର ମୋତେ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଉ । ଘଣ୍ଟାଏ ହେଇଛି କି ନାହିଁ ଦୁଇଟା ବଡ଼ ଡାଲାବାଲା ଟ୍ରାକ୍ଟର ଧରି ମ୍ୟୁନିସିପାଲିଟିର ଜନସ୍ୱାସ୍ଥ୍ୟବାଲା ପହଞ୍ଚିଲେ । ଷଣ୍ଢକୁ ସସମ୍ମାନେ ଗାଡ଼ିରେ ଚଢ଼େଇ ପଚାରିଲେ ତୁମେ ଆଉ କାହା କାହା ସହ ଏଇ ଦିନେ ଦୁଇଦିନ ଭିତରେ ମିଶିଛ ? କଣ୍ଟାକ୍ଟ ଟ୍ରେସିଂ ପାଇଁ ସେ ସମସ୍ତଙ୍କ କରୋନା ଟେଷ୍ଟ ହେବ । ଷଣ୍ଢ ବାକି ଅନ୍ୟ ସବୁ ଷଣ୍ଢଙ୍କ ଆଡ଼କୁ ଅନେଇ କହିଲା, ଆଜ୍ଞା ଆମେ ସମସ୍ତେ ଆଜି ଏକ ଜରୁରୀ ମିଟିଂ ପାଇଁ ଏଇଠି ଏକାଠି ହୋଇଥିଲୁ । ତା' ପାଟିରୁ କଥା ସରିଛି କି ନାହିଁ ବାକି ସବୁ ଷଣ୍ଢ ଠେଲାପେଲା ହେଇ ଟ୍ରାକ୍ଟର ଡାଲାରେ ଚଢ଼ିଗଲେ ।

କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚିଲା ପରେ ସମସ୍ତଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ସାମ୍ପୁଲ ନିଆଗଲା । ଯେ ପର୍ଯ୍ୟନ୍ତ ଟେଷ୍ଟ ରିପୋର୍ଟ ନ ଆସିଛି ସେ ପର୍ଯ୍ୟନ୍ତ ସରକାରୀ ଅତିଥି ଭାବେ ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରାଗଲା । ବାହାରୁ ଯେମିତି କେହି ଆସି ଭେଟି ପାରିବେ ନାହିଁ କି ସେମାନେ ବାହାରକୁ ଯାଇପାରିବ ନାହିଁ ସେଥିପାଇଁ ଗେଟ୍ ବାହାରେ ପହରା ବ୍ୟବସ୍ଥା କରାଗଲା । ମଲୁ ଖୋଜୁଥିଲା ଯାହା ବଇଦ ଦେଲା ତାହା । ତିନିଦିନ ପରେ ଅର୍ଥାତ୍ ରାଖୀ ପୂର୍ଣ୍ଣିମା ପରଦିନ ସମସ୍ତଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିଲା । ସମସ୍ତେ ଖୁସି ହୋଇ ନିଜ ନିଜ ଏରିଆକୁ ଫେରିଲେ । ଏପଟେ ସବୁ ଗାଈ ଏଯାଏ ସେ ବୁଦ୍ଧିଆ ଷଣ୍ଢକୁ ଖୋଜୁଛନ୍ତି, ଯିଏ ଏପରି ଏକ ସୂକ୍ଷ୍ମ ବୁଦ୍ଧି ଏମାନଙ୍କୁ ଦେଲା ।

-ଓଁ ଅଭିଜ୍ଞାନ ସାହୁ
ବନମାଳୀ ଭବନ,ଖାନନଗର, କଟକ
ମୋ-୯୪୩୭୦୧୦୭୫୮

ବ୍ୟାକ୍ ପେଜ୍

# ଆଇପ୍ୟାଡ୍ ଉପରେ ପରଷା ଯାଏ ଖାଦ୍ୟ

ସାଧାରଣତଃ ଖାଦ୍ୟ ପ୍ଲେଟ୍ କିମ୍ବା ଥାଳି ଉପରେ ପରଷାଯାଇ ଖିଆଯାଏ। କିଛି ଲୋକ ପତ୍ର କିମ୍ବା କାଗଜ ତିଆରି ପାତ୍ରରେ ବି ଖାଦ୍ୟ ଖାଆନ୍ତି। ହେଲେ କେହି କେବେ କ'ଣ ମୋବାଇଲ ଓ ଆଇପ୍ୟାଡ ଉପରେ ଖାଦ୍ୟ ଖାଆନ୍ତି? ଭାବୁଥିବେ ଏହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏମିତି ଏକ ରେଷ୍ଟୁରାଣ୍ଟ ଅଛି ଯେଉଁଠି ଖାଦ୍ୟ ଦାମୀ ଆଇପ୍ୟାଡ ଉପରେ ପରଷା ଯାଏ। ଫ୍ରାନ୍ସିସ୍କୋରେ ଅଛି ଏହି ଅଜବ ରେଷ୍ଟୁରାଣ୍ଟ, ଯେଉଁଠି ଖାଦ୍ୟ ପରଷିବା ପାଇଁ ଆଇପ୍ୟାଡକୁ ପ୍ଲେଟ୍‌ଭାବେ ବ୍ୟବହାର କରାଯାଏ। ରେଷ୍ଟୁରାଣ୍ଟର ନାମ ହେଉଛି କ୍ୱିନ୍ସ। ଆଉ ଆଇପ୍ୟାଡ ଉପରେ ପରଷା ଯାଉଥିବା ଖାଦ୍ୟର ନାମ ହେଉଛି 'ଏ ଡଗ୍ ଇନ୍ ସର୍ଚ୍ଚ ଅଫ୍ ଗୋଲ୍ଡ'। ଉକ୍ତ ଖାଦ୍ୟର




ମୂଲ୍ୟ ହେଉଛି ପ୍ରାୟ ୨୦୦ ଡଲାର। ଆଇପ୍ୟାଡରେ ଭିଡିଓ ଅନ୍ କରି ତା'ଉପରେ ଏହି ଖାଦ୍ୟକୁ ପରଷା ଯାଇଥାଏ। ଖାଦ୍ୟ ପରଷିବା ପାଇଁ ଏହି ରେଷ୍ଟୁରାଣ୍ଟରେ ୨୦ଟି ଆଇପ୍ୟାଡ ଅଛି। କେବଳ ଏଇ ରେଷ୍ଟୁରାଣ୍ଟ ନୁହେଁ ୟୁକେରେ ବି ଏକ ରେଷ୍ଟୁରାଣ୍ଟ ଆଇପ୍ୟାଡ ଉପରେ ଖାଦ୍ୟ ପରଷିଥାଏ। ଏଠାରେ ଖାଦ୍ୟ ଓ ଆଇପ୍ୟାଡ ମଝିରେ କୌଣସି ଲେୟର୍ ବି ନ ଥାଏ।









# କୀଟପତଙ୍ଗଙ୍କଠୁ ପ୍ରେରଣା ପାଇ କରନ୍ତି ଆଇ ମେକ୍‌ଅପ୍





ପୋକଜୋକ, କୀଟପତଙ୍ଗ ଅନେକଙ୍କୁ ପସନ୍ଦ ନ ଥାଏ। କେହି କେହି ଏମାନଙ୍କୁ ଡରନ୍ତି ତ ଆଉ କିଏ ଘୃଣା କରନ୍ତି। ହେଲେ କିଛି ପୋକ, କୀଟପତଙ୍ଗର ରଙ୍ଗ ଏତେ ସୁନ୍ଦର ହୋଇଥାଏ ଯେ, ସେମାନଙ୍କୁ ଦେଖିଲେ ଆଖି ଲାଖିଯାଏ। ୟୁକେର ଡୁରାନ ଜେ' ନାମକ ମେକ୍‌ଅପ୍ ଆର୍ଟିଷ୍ଟ ଏଇଭଳି କିଛି ପୋକଜୋକଙ୍କଠାରୁ ପ୍ରେରଣା ପାଇ କରନ୍ତି ଆଇ ମେକ୍‌ଅପ୍। ସେ ଯେଉଁ କୀଟପତଙ୍ଗ ଅବା ପୋକ ଶରୀରର ରଙ୍ଗଠାରୁ ପ୍ରେରଣା ପାଇ ଆଇ ମେକ୍‌ଅପ୍ କରନ୍ତି ତା'ର ଫଟୋ ମେକ୍‌ଅପ୍ ହୋଇଥିବା ଆଖିର ଫଟୋ ପାଖରେ ରଖି ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ବହୁ ପୂର୍ବରୁ ଡୁରାନ୍‌ଙ୍କର ପୋକ, କୀଟପତଙ୍ଗ ପ୍ରତି ଦୁର୍ବଳତା ଥିଲା। ସେମାନଙ୍କ ଶରୀରର ରଙ୍ଗ ତାଙ୍କୁ ଆକର୍ଷିତ କରୁଥିଲା। ସେଥିପାଇଁ ସେ ସେମାନଙ୍କ ଶରୀରର ରଙ୍ଗରୁ ପ୍ରେରଣା ପାଇ ଆଇ ମେକ୍‌ଅପ୍ କରିବାକୁ ଲାଗିଲେ।

# ହାତ,ଗୋଡ଼ ନ ଥାଇ ଲେଖକ ଓ ଖେଳାଳି



ଲକ୍ଷ୍ୟ ସେମାନେ ହାସଲ କରିପାରନ୍ତି, ଯେଉଁମାନଙ୍କ ସ୍ୱପ୍ନରେ ଜୀବନ ଥାଏ। ପଙ୍ଖ ଥିଲେ ବି ଅନେକେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ନାହିଁ। କାରଣ ସେମାନଙ୍କର ସ୍ୱପ୍ନକୁ ସାକାର କରିବାର ଝୁଙ୍କ୍ ନ ଥାଏ। ଅନେକେ ତ ନିଜର ଅସଫଳତା ପାଇଁ ଅନେକ କାରଣ ଦର୍ଶାନ୍ତି ଓ ଅନ୍ୟଙ୍କୁ ଦାୟୀ କରନ୍ତି। ହେଲେ ନିକୋଲସ୍ ଭୁଜିସିକ୍ ସେଭଳି ମଣିଷ ନୁହେଁ। ତାଙ୍କର ଜନ୍ମରୁ ହାତ କି ଗୋଡ଼ ନାହିଁ। ହେଲେ ସେ କେବେ ନିଜ ଭାଗ୍ୟକୁ ଦାୟୀ କରି ନାହାନ୍ତି। ବରଂ ନିଜର ଅବସ୍ଥାକୁ ଗ୍ରହଣ କରିନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିଛନ୍ତି। ହାତ ଗୋଡ଼ ନ ଥିଲେ ବି ତାଙ୍କର ସ୍ୱପ୍ନକୁ ସାକାର କରିବାର ଝୁଙ୍କ ଥିଲା। ତେଣୁ ସେ ସାରା ପୃଥିବୀରେ ଜଣେ ପରିଚିତ ମୁହଁ ପାଲଟି ପାରିଛନ୍ତି। ଆଜି ସମସ୍ତେ ତାଙ୍କୁ ଜଣେ ମୋଟିଭେସନାଲ ସ୍ପିକର୍ ଭାବେ ଜାଣନ୍ତି। କେବଳ ସେତିକି ନୁହେଁ ସେ ଜଣେ ଲେଖକ, ସଙ୍ଗୀତକାର, କଳାକାର ଭାବେ ମଧ୍ୟ ବେଶ୍ ପରିଚିତ। ୧୯ ବର୍ଷ ବୟସରେ ସେ ପ୍ରଥମ ମୋଟିଭେସନାଲ୍ ସ୍ପିଚ୍ ଦେଇଥିଲେ। ଏହାପରେ ସେ ପୃଥିବୀର ଅନେକ ସ୍ଥାନରେ ତାଙ୍କର ପ୍ରେରଣାଦାୟକ ସମ୍ଭାଷଣ ପ୍ରଦାନ କରିଛନ୍ତି। ଆଉ ତାଙ୍କର ଅନେକ ଫଲୋଅର୍ ଅଛନ୍ତି। ତାଙ୍କର ଫିଶିଂ ଓ ପେଣ୍ଟିଂ କରିବାର ସଉକ ଅଛି। ଏହାବାଦ୍ ସାଧାରଣ ଲୋକଙ୍କ ଭଳି ସେ ଫୁଟବଲ୍ ଓ ଗଲ୍ଫ ଖେଳିପାରନ୍ତି। ଏମିତିକି ସର୍ଫିଂ ଓ ସୁଇମିଂ ବି କରିପାରନ୍ତି। ସେ ବିବାହ କରିଛନ୍ତି ଏବଂ ତାଙ୍କର ଦୁଇ ସନ୍ତାନ ବି ଅଛନ୍ତି। ତାଙ୍କର ଏହି ଜୀବନ ଅନେକଙ୍କୁ ପ୍ରେରଣା ଦେଇଥାଏ।

